
କଳାଗୁଡ଼ିର ସନ୍ଧାନୀ

**କଣ୍ଟୁରି ଚରଣ ଦାସ**

ନଂ ୬୨୨
17 JUL 1959

साहित्य संसार

ପ୍ରକାଶକ
**ସାହିତ୍ୟ ସଂସାର**
ବାଙ୍କା ବଜାର, କଟକ-୨

ମୁଦ୍ରାକର
**ଶ୍ରୀ ଲକ୍ଷ୍ମଣ ମିଶ୍ର**
ଇଣ୍ଡ୍ ପ୍ରେସ୍, କଟକ-୧

ଦ୍ୱିତୀୟ ସଂଶୋଧିତ ସଂସ୍କରଣ
ନଭେମ୍ବର, ୧୯୫୭

ଏକଟଙ୍କା ଚ୍ଚରଅଣା

ଏକଟଙ୍କା ପଚଶ ନୂଆପଇସା

# ଉପହାର



17 JUL 1959

'ବେଣୁ' କୁ

ଦ୍ୱିତୀୟ ମୁଦ୍ରଣ :—

ମୋର ସବୁ ବହିପରି ଏ ବହି ଖଣ୍ଡିକ ମଧ ପ୍ରକାଶନର ଖୁବ୍ ଅଳ୍ପ ଦିନ ଭିତରେ ଶେଷ ହୋଇ ଯାଇଥିଲା । ଦ୍ୱିତୀୟ ସଂସ୍କରଣ ପ୍ରୟୋଜନ ବନ୍ଧୁଦଳଙ୍କୁ ଥିଲେ ମଧ ଏଯାଏ ହୋଇ ପାରି ନଥିଲା ।

ବନ୍ଧୁ ଶ୍ରୀ ଯତୀନ୍ଦ୍ରକୁମାର ଦାସଙ୍କ ଉତ୍ସାହ ଏହାର ଦ୍ୱିତୀୟ ସଂସ୍କରଣ ପାଠକଙ୍କ ହାତକୁ ଦେଉଛି । ସବୁ ବହି ପରି ଏହା ଆଦୃତ ହେବ ବୋଲି ଆଶା ।

ରାଜଶ୍ରୀ ପ୍ରକାଶନୀ
୮ ମହମ୍ମଦ ଲେନ୍
ଏକଟଙ୍କା କଟକ-୯
ଏକଟଙ୍କା ୫।୫୭

ଶ୍ରୀ ବଣ୍ଡୁର ଚରଣ ଦାସ

ଶ୍ରୀ ଉତ୍କଳ ସଂଘ ଲାଇବ୍ରେରି
ନଂ ୨୨୨
ତା 17 JUL 1959
ରାଉରକେଲା

......ଢ଼ାଁ ଏ......ଢ଼ାଁ ଏ......ଢ଼ାଁ ଏ......ଢ଼ାଏଁ

ମହାନଗରୀର ଜନ୍ତବଧତା ଭଙ୍ଗକରି ଗୁଳିଟାଏ ଫୁଟି ଉଠିଲା । ମନୁମେଣ୍ଟର ସିମେଣ୍ଟ ଚଟାଣ ଉପରୁ ଶୁଭିଲା ଟୋଟାଏ ଆର୍ତ୍ତ ବିଳାପ । ଦୁଇ ମିନିଟ୍ ପାଇଁ । ତା' ପରେ ସବୁ ଶୁନ୍ଶାନ୍ ।

ହ୍ୱାଇଟ୍‌ୱେ ଲେଡ଼ଲ ସଡ଼କରେ ଠିକ୍ ସେତିକିବେଳେ ଜମିଗଲା ଜନତା ।

ଦଶମିନିଟ୍ ନ ବିତୁଣୁ ଗୋଟାଏ ପୋଲିସ୍ ଲରି ଧାଇଁ ଆସିଲା କେଉଁଠୁ । ଠାକ୍ ଠାକ୍ ବୁଟ ଆୱାଜ କରି ଧଡ଼ା ଧଡ଼୍ ଡେଇଁ ପଡ଼ିଲେ ପୋଲିସ ଫଉଜ । ଗଣ୍ଡା ଗଣ୍ଡା ଟର୍ଚ୍ଚ ଜଳି ଉଠିଲା ଏଭା ଅଗକେ । କିଛି କେଉଁଠି ନାହିଁ । କେବଳ ସିମେଣ୍ଟ ଚଟାଣ ଉପରେ ପଡ଼ିଛି କେଇ ବୁନ୍ଦା ରକ୍ତ… ।

ଆଉ ଘଣ୍ଟେ ଖବରକାଗଜ 'ଟପ୍ ଲାଗିଗଲା ଅଗ୍ନି'' ଇନସ୍ପେକ୍ଟର ମି. ମୁଖାର୍ଜୀ ଲୁହ ପଢ଼ିଲେ ଚଳିଲୁ ଜଳନ୍ତା ପାଣ୍ଡି - ବୃହାଣୀରେ ପ୍ରଶ୍ନର ପାହାଡ଼ । ଏ କିଏ ପ୍ରାଣ ହରାଇଛି ?

'ବେଣୁ' କୁ

ଦ୍ୱିତୀୟ ମୁଦ୍ରଣ :—

ମୋର ସବୁ ବହିପରି ଏ ବହି ଖଣ୍ଡିକ ମଧ୍ୟ ପ୍ରକାଶନର ଖୁବ୍ ଅଳ୍ପ ଦିନ ଭିତରେ ଶେଷ ହୋଇ ଯାଇଥିଲା । ଦ୍ୱିତୀୟ ସଂସ୍କରଣ ପ୍ରୟୋଜନ ବହୁଦିନରୁ ଥିଲେ ମଧ୍ୟ ଏଯାଏ ହୋଇ ପାରି ନଥିଲା ।

ବନ୍ଧୁ ଶ୍ରୀ ଯତୀନ୍ଦ୍ରକୁମାର ଦାସଙ୍କ ଉତ୍ସାହ ଏହାର ଦ୍ୱିତୀୟ ସଂସ୍କରଣ ପାଠକଙ୍କ ହାତକୁ ଦେଉଛି । ସବୁ ବହି ପରି ଏହା ଆଦୃତ ହେବ ବୋଲି ଆଶା ।

ଗଜଶ୍ରୀ ପ୍ରକାଶନୀ
୭ ମହମ୍ମଦ ଲେନ୍
ଏକଟଙ୍କା କଟକ-୯
ଏକଟଙ୍କା ୫।୫୭

ଶ୍ରୀ ଚଣ୍ଡୀ ଚରଣ ଦାସ

ନଂ 255
ତା 17 JUL 1959

……ଠାଁଏ……ଠାଁଏ……ଠାଁଏ……ଠାଏଁ

ମହାନଗରୀର ଜନସ୍ତବ୍ଧତା ଭଙ୍ଗକରି ଗୁଳିଟାଏ ଗର୍ଜି ଉଠିଲା । ମନୁମେଣ୍ଟର ସିମେଣ୍ଟ ଚଟାଣ ଉପରୁ ଶୁଭାଗଲା ଗୋଟାଏ ଆର୍ତ୍ତ ବିଳାପ । ଦୁଇ ମିନଟ୍ ପାଇଁ । ତା' ପରେ ସବୁ ସୁନ୍‌ସାନ୍ ।

ହ୍ୱାଇଟ୍‌ଓ୍ୱେ ଲେଡ଼ଲ ଘଡ଼ିରେ ଠିକ୍ ସେତେବେଳେ ବାଜିଲା ଓ୍ୱାନ୍‌ଟା ।

ଦଶମିନଟ୍ ନ ହେଉଣୁ ଗୋଟାଏ ପୋଲିସ୍ ଲରି ଧାଇଁ ଆସିଲା କେଉଁଠୁ । ଠାକ୍ ଠାକ୍ ବୁଟ୍ ଆୱାଜ୍ କରି ଧଡ଼ା ଧଡ଼୍ ଡେଇଁ ପଡ଼ିଲେ ପୋଲିସ ଜବାନ । ଗଣ୍ଡା ଗଣ୍ଡା ଟର୍ଚ୍ଚ ଜଳି ଉଠିଲା ଏକା ଥରକେ । କିନ୍ତୁ କେଉଁଠି ନାହିଁ । କେବଳ ସିମେଣ୍ଟ ଚଟାଣ ଉପରେ ପଡ଼ିଛି କେଇ ବିନ୍ଦୁ ରକ୍ତ… ।

ଆଉ ଖଣ୍ଡେ ଖବରକାଗଜ 'ଜିପ୍ ଲାଗିଗଲା ଆସ୍ତି''
ଇନସ୍‌ପେକ୍‌ଟର ମି: ମୁଖାର୍ଜୀ କୁଦି ପଡ଼ିଲେ ତଳକୁ
ଜଳନ୍ତା ଦୃଷ୍ଟି- ସୁହାଣୀରେ ପ୍ରଶ୍ନର ପାହାଡ଼ । ଏ
କିଏ ପ୍ରାଣ ହରାଇଛି ?

କିନ୍ତୁ ଜବାବ ମିଳିବା ଆଗରୁ ପୁଣି ପିସ୍ତଲର ଗର୍ଜନ ଶୁଣାଗଲେ । ସେଇ ତିନି ରୈଣ୍ଡ ଗୁଳି ଚାଲିଛି । ସମସ୍ତେ ହତଭମ୍ବ ହୋଇ ଅନାଇ ରହିଲେ । ଏଥର ଇଡ଼େନ ଗାର୍ଡନ ଭିତରୁ ଭାସି ଆସିଲା ଆବାଜ୍‌ଟା, ନାରୀ କଣ୍ଠର କରୁଣ ଚିତ୍କାର ଟିକିଏ ମଧ୍ୟ ବାଜିଲା ସମସ୍ତଙ୍କ କାନରେ । ଆଉ ଗୋଟାଏ ହାବେଲୀ କାଣପର ଜହ୍ନ ମୁଣ୍ଡାଏ ଉଠିଗଲା ଉର୍ଦ୍ଧ୍ୱ ଆକାଶକୁ ତା' ପରେ ପାଖୁଡ଼ା ପାଖୁଡ଼ା ହୋଇ ଝରି ପଡ଼ିଲା ତଳକୁ । ପର ମୁହୂର୍ତ୍ତରେ ସବୁ ନୀରବ, ନିସ୍ତବ୍ଧ ।

ପୋଲିସ୍ ଲଗି ଇଡ଼େନ୍ ଗାର୍ଡ଼େନ୍ ଆଡ଼େ ଧାଇଁଗଲା । ମି: ମୁଖାର୍ଜୀଙ୍କ ଜିପ୍ ଛୁଟିଲା ଊର୍ଦ୍ଧ୍ୱଶ୍ୱାସୀ ହୋଇ । ଏ କ'ଣ ଭୌତିକ କାରଖାନା ?

କିନ୍ତୁ କିଛି ନାହିଁ । କେଉଁଠି ସନ୍ଦେହର ଚିହ୍ନ ଟିକିଏ ବି ନାହିଁ । ଜଳା ରାତିର ନିସ୍ତବ୍ଧତା ଭିତରେ ସବୁ ଯେମିତି ମିଳେଇ ଯାଇଛି । କ'ଣ ହେଲା ? କିଏ ଦେବ ଏହାର ଉତ୍ତର ?

ମି: ମୁଖାର୍ଜୀ ବିବ୍ରତ ଓ ଚଞ୍ଚଳ ହୋଇ ପଡ଼ିଲେ । ଜିପ ଫେରାଇନେଲେ ଲାଲବଜାର ପୋଲିସ ଷ୍ଟେସନ ଆଡ଼େ । ପୁଣି ମନୁମେଣ୍ଟ ତଳେ ଦେଖାଗଲା ଏକ-କ୍ଷୀଣ ଆଲୋକ ଶିଖା । ସେତିକିରେ ତାଙ୍କର ଉଦ୍‌ବେଗ ହୋଇ ଉଠିଲା ତଣ୍ଡିରେ । ପୁଣି ଜିପ୍ ଛୁଟାଇ ଆସିଲେ ସେ । ଗୋଟାଏ ତେଲ ପୂର୍ଣ୍ଣ ଜଳନ୍ତା ଦୀପ ଥୁଆ ହୋଇଛି ମନୁମେଣ୍ଟର ସିମେଣ୍ଟ ଚଟାଣ ଉପରେ ଅଳ୍ପ ଦୂରରେ ବଳିତ ଅନ୍ଧାର ଘନତା ତଳେ ମିଳେଇ ଯାଉଛି କାହାର । ଧାଇଁଲେ ସେ ଆଡ଼କୁ । କିନ୍ତୁ ବ୍ୟର୍ଥତା ଭିତରେ । ଫେରି ଆସିଲେ ଦୀପ ପାଖକୁ । ଅଳିଭା ଦୀପ ଉଠିଛି ଆହୁରି ଦୀପ୍ତିମାନ ହୋଇ । ଆଶ୍ଚର୍ଯ୍ୟ ! କିଛି

ଏକଟଙ୍କା

ଏକଟଙ୍କା

ବୁଝି ପାରିଲେ ନାହିଁ । ପାଉଚିକୁ ଉଠାଇ ନେଲେ ହାତ [illegible] । ମାଟି ପାଉଚଟାଏ । ଝଲକା ଚକଚକର ଅତ୍ୟାଧୁନିକ ସବୁ ନକ୍ସାର ଦପ୍ କରି ଲିଭିଗଲା ପାଉଚିଖୋଟା । କେବଳ ଧୂଆଁ ଉଠିଲା ସେଥିରୁ । କପରି ଗୋଟାଏ ଉଗ୍ରଗନ୍ଧ ଅନୁଭୂତ ହେଲା । ମି: ମୁଖାର୍ଜି ଫିଙ୍ଗି ଦେବାକୁ ବସିଥିଲେ ପାଉଚଟାକୁ । କିନ୍ତୁ ସେଟା ଆପଣା ଛୁଏଁ ଖସି ପଡ଼ିଲା ତାଙ୍କ ହାତରୁ । ସେ ଧୀରେ ଧୀରେ ଟଳି ପଡ଼ିଲେ ପଡ଼ିଆର ଶ୍ୟାମ ଦୁର୍ବାଦଳ ଉପରେ । ଗୋଟାଏ ଅଟ୍ଟହାସ୍ୟ ଭାସି ଆସିଲା ମନୁମେଣ୍ଟ ଉପରୁ । ପୋଲିସ୍ ଲଞ୍ଚ ବାହୁଡ଼ି ଯାଇ ସାରିଥିଲା । ମି: ମୁଖାର୍ଜିଙ୍କ ବାର୍ତ୍ତାବହ ଜପ୍‌ଟା ଛୁଟା ହୋଇଥିଲା ଅନ୍ଧକାର ଭିତରେ, ମୂକସାକ୍ଷୀ ପରି ।

ମନୁମେଣ୍ଟ ଉପରୁ ଗୋଟାଏ ଛାଇମୂର୍ତ୍ତି ଖସି ଆସିଲା ଧୀରେ ଧୀରେ । କଳା ପୋଷାକ ଆବୃତ ଗୋଟାଏ ଏବେ ମନୁଷ୍ୟ ଓହ୍ଲେଇ ଆସିଲା ସିଧା ଜପ୍‌ଟାକୁ ଧରି ଧରି । ପରୀକ୍ଷା କରି ଦେଖିଲା, ମି: ମୁଖାର୍ଜିଙ୍କ ଅଚେତ ଶରୀର ନିଶ୍ଚିନ୍ତରେ ଲେଟି ପଡ଼ିଛି । ମୂର୍ତ୍ତିଟା ଧୀରେ ଧୀରେ ବାର୍ତ୍ତାବହ ଜପ୍‌ଟା ଆଡ଼କୁ ଆଗେଇ ଗଲା । ବେତାର ଯନ୍ତ୍ରଟିକୁ କାନରେ ଲଗାଇ ଖବର ଖବରବହ ଯନ୍ତ୍ରଟିକୁ ମୁହଁ ପାଖରେ ଧରି କହିଲା—

—ଲାଲ୍ ବଜାର କଣ୍ଟ୍ରୋଲ ରୁମ ?

ସେ ପାଖରୁ ଉତ୍ତର ଆସିଲା ।

—ହଁ ।

—ମୁଁ ! ମି: ମୁଖାର୍ଜୀ କହୁଛି ।

—ହଁ, କ'ଣ କୁହନ୍ତୁ ।

—ରିଜର୍ଭ ପୋଲିସ ଫୋର୍ସ କେତେ ମହଜୁଦ ଅଛନ୍ତି ?

—ତିନି ଦଳ ।

—ହଁ ଗୋଟାଏ କାମ କରନ୍ତୁ ମି. ବଡ଼ୁଆ । ଦୁଇଦଳ ପୋଲିସ ଫୋର୍ସ ଶୀଘ୍ର ପାର୍କସର୍କସ ଇଲାକାକୁ ପଠାଇ ଦିଅନ୍ତୁ । ସେଠାରେ ଆଜି ଗଣ୍ଡଗୋଳର ଆସଙ୍କା ରହିଛି । ଆଉଦଳେ କୋଲଟୋଲା ଅଞ୍ଚଳକୁ ପଠାଇ ଦିଅନ୍ତୁ ।

—ଆପଣ ନିଶ୍ଚିନ୍ତ ରୁହନ୍ତୁ ମି. ମୁଖାର୍ଜୀ, ମୁଁ ବର୍ତ୍ତମାନ ସବୁ ବନ୍ଦୋବସ୍ତ କରି ଦେଉଛି ।

—ହଁ ମି: ବଡ଼ୁଆ ! ସି. ଆଇ: ଡ଼ି. ଇନସ୍‌ପେକ୍ଟର ମି: [illegible]ଣୀ କେଉଁଠି ଅଛନ୍ତି ?

—ମୁଁ ଠିକ କହିପାରୁ ନାହିଁ । ଗୋଟାଏ ଜରୁରୀ କାମରେ ବାହାରିବେ ବୋଲି ଘଣ୍ଟାକ ଆଗରୁ କହୁଥିଲେ ।

—ହେଉ, ମୁଁ ଯାହା କହିଲି ଆପଣ ତୁରନ୍ତ ସେ ସବୁର ବ୍ୟବସ୍ଥା କରନ୍ତୁ ।

ଲୋକଟି ଜପରୁ ଓହ୍ଲେଇ ଯାଇ ପୁଣି ସେହି ଦଉଡ଼ି ସାହାଯ୍ୟରେ ଧୀରେ ଧୀରେ ଉପରକୁ ଉଠିଗଲା । ମି: ମୁଖାର୍ଜୀ ସେମିତି ଅଚେତ ହୋଇ ଶୋଇ ରହିଲେ । ହ୍ୱାଇଟଉପ୍ରେ ଲେଡ଼ିଲ୍ ଘଡ଼ିରେ ସାଢ଼େ ତିନିଟା ବାଜିଲା । ମନୁମେଣ୍ଟ ଉପରୁ ପୁଣି ଗୋଟାଏ ହାବେଲୀ ଆକାଶକୁ ଉଠିଗଲା । ଝର ଝର ହୋଇ ଝରି ପଡ଼ିଲା ତିନୋଟି ନିଆଁ ପାଖୁଡ଼ା

ଠିକ୍ ସେଇ ମୂହୂର୍ତ୍ତରେ ରିଜର୍ଭ ବ୍ୟାଙ୍କ ଦୁଆରେ ଅଟକିଲା ଗୋଟାଏ ମିଲିଟାରୀ ଲରି । ବିଷାକ୍ତ ବାଷ୍ପରେ ଭରିଗଲା ସେ ସ୍ଥାନଟା । ବୈଜ୍ଞାନିକ ପ୍ରଣାଳୀରେ ରିଜର୍ଭ ବ୍ୟାଙ୍କର ଲୁହା କବାଟ ଗୁଡ଼ିକ ଖୋଲିଗଲା ଅଳ୍ପ ସମୟ ଭିତରେ ।

ଦୁଇଜଣ ଉଦ୍ୟତ ରିଭଲଭର ଧାରୀ ଯୋଦ୍ଧା ମଚ୍ ମଚ୍ କରି ପଶିଗଲେ ଭିତରକୁ । ଜହ୍ଲଟ ଜଣ ଧୂଆଁରେ ଢୁଳେଇ ପଡ଼ିଥିଲେ ରିଜର୍ଭବ୍ୟାଙ୍କର ଜଗୁଆଳି ଗୁଡ଼ିକ । ଗୋଟିଏ ଗ୍ରେଟ ଲୁହା ସିନ୍ଦୁକ ଉଠେଇ ନେଇ ଭରିଲେ ଅପେକ୍ଷାମାନ ଗାଡିରେ । ସହରର ନିସ୍ତବ୍ଧତା ଭଙ୍ଗ କରି ସେହି ବିଶାଳକାୟ ଲରିଟା ଛୁଟି ଚାଲିଗଲା କେଉଁ ଏକ ଅନିର୍ଦ୍ଦିଷ୍ଟ ପଥରେ ।

ନଂ..........
ତା 17 JUL 1959

ମିସ୍ ସୁଧନା ଦାସ ବ୍ୟସ୍ତ କଣ୍ଠରେ ଟେଲିଫୋନ ଯୋଗେ ଜଣାଉଥିଲେ........ଆପଣ ସି: ଆଇ: ଡି: ଇନସ୍ପେକ୍ଟର ମି: ସାହାଣୀ ?

—ହଁ, ଆପଣ ?

……ମୁଁ ମିସ୍ ସୁନନ୍ଦା ଦାସ । ଅବସରପ୍ରାପ୍ତ ଡେପୁଟି-ମାଜିଷ୍ଟ୍ରେଟ ସୌରେନ୍ଦ୍ର ଦାସଙ୍କର କନ୍ୟା । ବିପଦରେ ପଡ଼ିଛି ଆଜ୍ଞା କାଲି ତିନ ଘଣ୍ଟା ବେଳୁ ବାପା ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଯାଇ ଏ ପର୍ଯ୍ୟନ୍ତ ଫେରି ନାହାନ୍ତି । ସେଠାରୁ ଖବର ନେଇ ଜାଣିଲି ଯେ, ସେ ମୋଟେ ସେଠାକୁ ଯାଇ ନାହାନ୍ତି । ବଡ଼ ବିପଦ ଆଜ୍ଞା ! କିଛି କୂଳ କିନାରା ଦିଶୁନାହିଁ । ଦୟାକରି ଯଦି……

—ଆପଣଙ୍କ ଠିକଣା !

………କାଲିଗଞ୍ଜ ଲେକରୋଡ଼ । ମି. ଦାସଙ୍କ ଘର । ଗୋଟାଏ ବଡ଼ କୋଠା । ପାଖରେ କୋଠା ବାଡ଼ି ନାହିଁ । ଆପଣ ଆସିଲେ ଚିହ୍ନି ପାରିବେ ।

—ହେଉ, ମୁଁ ଏଇ ଅଳ୍ପ ସମୟ ଭିତରେ ହାଜର ହେଉଛି । ଆପଣ ଅଧୟ୍ୟ ହେବେ ନାହିଁ ।

ରିସିଭରଟା ଯଥା ସ୍ଥାନରେ ରଖିଦେଲେ । ଯଦୁବାବୁ ପାଖ ଚେଆରରେ ବସି ମୁରୁକି ହସୁଛନ୍ତି । ମି. ସାହାଣୀଙ୍କ ମୁହଁରେ ଗମ୍ଭୀରତା ଫୁଟି ଉଠିଲା ।

—ଏ ହସିବାର ବେଳ ନୁହେଁ ଯଦୁ । ମୁଁ ଏମିତି ଗୋଟାଏ କିଛି ସମ୍ବାଦର ଆଶଙ୍କା କରୁଥିଲି । ସେ ଯାହେଉ ହଁ, ପୋଲିସ ଷ୍ଟେସନର ରିପୋର୍ଟଟା କ'ଣ ପାଇକୁ କହିଲୁ ?

—ଗତ ରାତିରେ ଅନେକ କିଛି ଘଟି ଯାଇଛି ସାହାଣୀ, ଭାବିଲେ ମୁଣ୍ଡ ଗୋଳ ମାଳ ହୋଇ ଯାଉଛି । ପୋଲିସ ଇନସ୍‌ପେକ୍ଟର ମି. ମୁଖାର୍ଜୀଙ୍କୁ ଅଚେତ ଅବସ୍ଥାରେ ମନୁମେଣ୍ଟ ତଳ

ଶୁଣା ଯାଉଛି । ରିଜର୍ଭ ବ୍ୟାଙ୍କରୁ ଗୋଟାଏ ଲୁହା ସିନ୍ଦୁକ ଅପହରଣ କରାଯାଇଛି । ଆହୁରି ଏମିତି ଟିକି ନିକି ଘଟଣା ଅନେକ କିଛି ଘଟିଛି । ଅଜବ ନଗରୀର ତାଜୁବ୍ କାହାଣୀରୁ କଣ ମିଳିବ ଆମକୁ । ମୁଁ ଭାବୁଛି ଚାଲେ ଭାଇ ଏ ସହର ଛାଡ଼ି ଆମ-ଦେଶକୁ ବାହୁଡ଼ି ଯିବା । ସେଇଠି ଚାକିରି ବାକିରି କରି ଖୁସିରେ ରହିବା । ଏଇ ରହସ୍ୟ ମୟୀ କଲିକତା ନଗରୀରେ ଚାକିରି କରି ଆଉ ବେଶୀ କାଳ ତିଷ୍ଠି ପାରିବା ନାହିଁ । ବରଂ ସୁନାମରେ କାଳି ବୋଳି ହୋଇ ଯିବ ।

ମି. ସାହାଣୀ ହସିଲେ ।

—ସବୁଦିନ ତୋର ଏଇ ବାଉଳା ଢଙ୍ଗ ଯଦୁ । ଯା'ତ ଗ୍ୟାରେଜରୁ ମଟରଟା ବାହାର କରିବୁ । ବାଲିଗଞ୍ଜ ଲେକ୍‌ରୋଡ଼ ଯିବା । ମିସ୍ ସୁନନ୍ଦା ଦାସ ବିପଦରେ ପଡ଼ିଛନ୍ତି, ଦେଖି ଆସିବା, ପାରିଲେ ମନୁମେଣ୍ଟ ବାଟ ହୋଇ ଆସିବା ।

ପୋଷ୍ଟ ପିଅନ କବାଟ ଆଡ଼େଇ ପଶି ଆସିଲା ଭିତରକୁ ।

ମି: ସାହାଣୀ ଅଛନ୍ତି ?

—ହଁ!

—ଆପଣଙ୍କର ଗୋଟାଏ ପାର୍ଶେଲ୍ ଅଛି ନିଅନ୍ତୁ ।

ମି: ସାହାଣୀ ଦସ୍ତଖତ କରି ପାର୍ଶେଲଟି ରଖିଲେ । ଯଦୁବାବୁ ସେତେବେଳକୁ ମଟର ବାହାର କରି ସାରିଥିଲେ ଗ୍ୟାରେଜରୁ ହର୍ଣ୍ଣ ବଜାଇଲେ କିନ୍ତୁ ମି. ସାହାଣୀଙ୍କର ଦେଖାନାହିଁ । ଯଦୁବାବୁ ବ୍ୟଥିତ ମନରେ ଧାଇଁ ଆସିଲେ ଉପରକୁ । କଣ୍ଠରେ ଦରଦ ଫୁଟାଇ ଡାକିଲେ । ସାହାଣୀ ! ସାହାଣୀ !

—ଥାଉ—

ଇସ୍……..କଦର୍ଯ୍ୟ ଖୁଣ୍ । ଗୋଟାଏ ଦନ୍ତସ ଛୁଟି ପଡ଼ିଛି । ରକ୍ତ ଛିଟାରେ ଧଳା ଝିଆଲଟା ଶଗା ପଡ଼ିଲାପରି ଦିଶୁଛି । ଗୋଟାଏ କଳା କୋଟ୍ ପଡ଼ିଛି ଅଦୂରରେ । ପକେଟରେ କିଛିନାହିଁ ତଥାପି ଦରକାସ୍ତ । ଯଦୁବାବୁ ସାଇତି ରଖିଲେ । ଛୁରୀଟା ମଧ୍ୟ । ଅନେଇଲେ ମି. ମୁଖାର୍ଜୀଙ୍କ ମୁହଁକୁ, କଠିନତା ଫୁଟି ଉଠିଛି ।

—କ'ଣ ଭାବୁଛନ୍ତି ମି. ମୁଖାର୍ଜୀ !

—ନାଁ ଯଦୁବାବୁ, ମୁଣ୍ଡରେ ମୋର କିଛି ପଶୁ ନାହିଁ ! ମନୁମେଣ୍ଟ ଉପରେ ଖୁଣ୍ ! ଇଏତ ଭାବନା ବାହାରର କଥା ।

—ଓହ୍ଲେଇ ଚାଲନ୍ତୁ । ଏ ଯୁଗରେ ସବୁ ସମ୍ଭବ । ଚାଲନ୍ତୁ ବରଂ ମୁର୍ଦ୍ଦାରଟାକୁ ଚିହ୍ନିବାର ଚେଷ୍ଟା କରିବା; ତା ଛଡ଼ା ଅନ୍ୟ କାମ କିଛି ନାହିଁ ଏଠାରେ ।

ମି. ମୁଖାର୍ଜୀ ଶୁଖିଲା ମୁହଁରେ ତଳକୁ ଓହ୍ଲାଇ ଆସିଲେ । ତାଙ୍କ ଚାକିରିଆ ଜୀବନରେ ଏଇ ପ୍ରଥମ ପରାଜୟ ।

ମୁର୍ଦ୍ଦାରଟାକୁ ଚିହ୍ନି ହେଲା ନାହିଁ । ଏତେ ଉଚ୍ଚରୁ ପଡ଼ି ଚେହେରା ଉଗଡ଼ି ହୋଇ ଯାଇଥିଲା ଗୋଟାପୁରା । ତଥାପି ପରୀକ୍ଷା କଲେ ମୁର୍ଦ୍ଦାରଟାର ହାତ ଯୋଡ଼ାକ ମୁଠା ହୋଇଛି । ବହୁ କଷ୍ଟରେ ଫିଟାଇଲେ । ବ' ହାତରେ ବ'କେଶ କେଶଗୁଚ୍ଛ । କାହାର ଏ ? ଯଦୁବାବୁ ଅନେଇଲେ ମୁଖାର୍ଜୀଙ୍କ ମୁହଁକୁ । ମୁଖାର୍ଜୀ ଅନେଇଥିଲେ ଯଦୁବାବୁଙ୍କ ମୁହଁକୁ ।

କୌଣସି ବିଳାସିନୀର କେଶଗୁଚ୍ଛ ପରି ଦିଶୁଛି । ମି. ମୁଖାର୍ଜୀ ଫିଙ୍ଗି ଦେଇଥିଲେ ।

ଯଦୁବାବୁ ଗୋଟେଇ ଆଣିଲେ । ଟଗାଡ଼ାଏ ଦାମୀ ଏ
ଗନ୍ଧ ବାହାରୁଛି ସେଥିରୁ । ରଖିଲେ ପକେଟରେ । ଦ
ବେଳେ କର୍ମରେ ଲାଗି ପାରେ ।

—ବ୍ୟାପାର କ'ଣ କୁହନ୍ତୁ ତ ଯଦୁବାବୁ ।

—ମୁଁ ମଧ୍ୟ ଅନ୍ଧକାରରେ ।

ଲସ୍‌ଠାକୁ ଡାକ୍ତରମାଇନା ପାଇଁ ପଠାଇ ଦିଆଗଲା ।

ନର୍ସ ପରୀକ୍ଷା କରୁଥିଲା ମିଃ ସାହାଣୀଙ୍କୁ ।

—ଆଉ ଅଳ୍ପ ସମୟ ପରେ ଚେତା ଫେରି ଆସିବ ।

ଯଦୁ ବାବୁ ବିଛଣା ଉପରେ ବସିଥିଲେ । କପାଳର ଚନ୍ଦ୍ରାଗାର ଗଣି ହୋଇ ଯାଉଥିଲା । ଅଭୁତ ପୂର୍ବ କାରସାଦି । କିଏ ସଇତାନ ? କଣ ଉଦ୍ଦେଶ୍ୟ ?

ମିଃ ସାହାଣୀ ଧୀରେ ଧୀରେ ଆଖି ଖୋଲିଲେ ।

—କିଏ ଯଦୁ ? ମୁଁ ହସପିଟାଲରେ ବୋଧେ । କେଇଟା ବାଜିଛି ?

—ଆଠଟା ।

—ଦିନ ନା ରାତି ?

—ରାତି ।

ମିସ୍ ସୁନନ୍ଦା ଦାସଙ୍କ ଘରକୁ ଯାଇଥିଲୁ ?

—ନା, ନ ଯିବାର କାରଣ ଠିକଣାଟା ଅଜ୍ଞାତ ରହିଗଲା ।

—ବାଲିଗଞ୍ଜ ଲେକ୍ ରୋଡ । ବୁଝିଲେ, ବିପତ୍ତି ଅଞ୍ଚଳରେ ପଡ଼ି ଯାଇଛି । ଭଦ୍ର ମହିଳାଙ୍କୁ ସାହାଯ୍ୟ କରିବା ଆମର ପ୍ରଥମ କର୍ତ୍ତବ୍ୟ ।

—କିନ୍ତୁ ତୁ ଯେ ଅସୁସ୍ଥ ।

—ବିଶେଷ କିଛି ହୋଇ ନାହିଁ । ଗିଲାସେ ଗରମ ଦୁଧ ଆଣି ଦିଅନ୍ତୁ ତ । ନର୍ସ ଉଠିଗଲା ।

—ବାର—

—ମ୍ନା, ଭିତରେ ବହୁତ ଘଟଣା ଘଟି ଗଲଣି ସାହାଣୀ।

—ସେ ଗୁଡ଼ିକ ଭିତରୁ ସୁନନ୍ଦା ଦେବୀଙ୍କର କିଛି ଆଭାସ ପାଇଛୁ ?

—ଆପାତତଃ ନା ।

—ତେବେ ?

—ଘଟଣାର ଧୂମାୟିତ ପାହାଡ଼ ତଳେ ଧୂଏ ତ କିଛି ଲୁଚି ଛପି ରହି ଯାଇ ପାରୁ ଥାଏ ।

—ତେବେ ଅସ୍ପଷ୍ଟ ?

—ଯଦୁବାବୁ ହସିଲେ ।

ନର୍ସ ଦୁଧ ଦେଇ ଗଲା ।

—ତା ପରେ ?

—ଓଃ, କାର୍ଟା ଅଣିଛୁ ତ ?

—ଅଚ୍ଛା ସାହାଣୀ, ତୁ କ'ଣ ଭାବୁଛୁ ସୁନନ୍ଦା ଦାସଙ୍କ ଘରକୁ ଯାଇ ବିଶେଷ କିଛି ଲାଭ ହେବ ? ମୁଁ ତ ଏ କେଇ ଘଣ୍ଟା ଭିତରେ ସବୁ କିଛିର ଆନ୍ଦାଜ କରେଇ ସାରିଲିଣି ଭାଇ ।

—ଲାଭ କ୍ଷତି ସେତ ପରର କଥା । ତେବେ ଜଣେ ଯେତେବେଳେ ସାହାଯ୍ୟ ଲୋଡ଼ୁଛି ଆମର ତାକୁ ସାହାଯ୍ୟ କରିବାତ ପୁଣି ଆମର କର୍ତ୍ତବ୍ୟ । ଆଉ କଣ ଭାବୁଛୁ ?

—ତେର—

—ଶୁଣୁଛନ୍ତି ବନ୍ଧୁଗଣ ! ତେବେ ଏତେ ଶୀଘ୍ର ସେଠାରେ ଯିବା ଆମ-ପକ୍ଷରେ ଅନୁକୂଳ ନୁହେଁ ବୋଧହୁଏ । କାଲି ସକାଳେ ସେଠାକୁ ଗଲେ ଚଳନ୍ତା ନାହିଁ ? କ'ଣ କହୁଛ ?

ମିଃ ସାହାଣୀ ହସିଲେ ।

—ଆରେ ହସିଲ ଯେ ! ମୋ କଥା କ'ଣ ମନକୁ ତୋର ପାଇଲା ନାହିଁ ?

—ପାଇଲା ଯେ, ତଥାପି ହସ ମାଡ଼ିଲା । ଅଚ୍ଛା ଗୋଟାଏ କାମ କର ଯଦୁ । ତୁ ମୋର ଏଇ ବେଡ୍ ସିଟ୍‌ଟା ଉପରେ ଘୁମେଇ ପଡ଼ । ମଠର ଗୁପ୍ତକଥା ମୋ ଆଡକୁ ଦେଇଦେ ।

—ସଇତାନ ଦଳ କେଡ଼େ ଚତୁର ସେ କଥା ଶୁଣୁଛ କିକ ? ପାର୍ଶେଲ ଭିତରେ ବିଷ ମିଶ୍ରିତ ପଦାର୍ଥ ପଠାଇ, ଆମର ଘରେ ଆମକୁ ବେହୋସ କରେଇବାର ନିଶ୍ଚୟ ତ କୌଣସି କାରଣ ଥିଲା ! ଟିକଏ ଚଳେଇ ଦେଖ ।

—ଭାବନା, କଳ୍ପନା, ସେ ଗୁଡ଼ାକ କବିମାନଙ୍କୁ ପୋଷାଏ । ଆମର ଆଗ କର୍ତ୍ତବ୍ୟ, ତା ପରେ ଭାବନା ବା କଳ୍ପନା ଯାହା କହ ।

—ବେଶ୍, ଭଉ୍ । ମୋର କୌଣସି ଅପତ୍ତି ନାହିଁ । ଦେଖୁଛି ତୁ ସୁନନ୍ଦା-ପାଗଳ ହୋଇ ଗଲୁଣି । ପ୍ରେମ ଫାନ୍ଦରେ ଗୋଡ଼ ଦଏନାରେ, ଏକାଧରକେ ନାଶ ଯିବୁ ।

—ଧେତ୍ ମୁଁ ପରା ସି. ଆଇ. ଡ଼ି. ।

—ଅରେ ସି. ଆଇ. ଡି.ର ହୃଦୟ ତ ଆଉ ପାଷାଣରେ ଗଢ଼ା ନୁହେଁ । !

ସେ ରସିକତା ପରେ ଯଦୁ । ଅଗ ଗୁଲ୍‌ବୁଟି ।

—ଚଉଦ—

—ମିସ୍ ସୁନନ୍ଦା ଦାସ ଘରେ ଅଛନ୍ତି ?

—କିଏ ?

—ମୁଁ ସି. ଆଇ. ଡ଼ି. ଇନସପେକ୍ଟର ମିଃ ସାହାଣୀ ।

ସୁନନ୍ଦା ଦାସଙ୍କର ଦ୍ୱାର ଧୀରେ ଧୀରେ ମୁକୁଳି ଗଲା । ଆଗରେ ଉମର୍ଷ ମନା, ଆଲୁଳାୟିତା କେଶ । ଗୋଟିଏ ଅପରୂପ ସୁନ୍ଦରୀ ତରୁଣୀ । ଆଖି ଯୋଡ଼ାକ ପାଦ ନଖ ଉପରେ ଲାଖି ରହିଛି । ସ୍ୱାହାଣୀ ଧୀର, ଅଥଚ କରୁଣ ।

—ଆସନ୍ତୁ ଭିତରକୁ । ଭାରି ଡେ଼ରି କଲେ ଆପଣ । କାଲୁ ଆପଣଙ୍କ ବାଟ ଚାହିଁ ବସିଛି । ବାପାଙ୍କର ଏ ପର୍ଯ୍ୟନ୍ତ ଦର୍ଶନ ନାହିଁ । ମୁଁ କିଛି ବୁଝିପାରୁ ନାହିଁ ମିଃ ସାହାଣୀ ।

ମିସ୍ ସୁନନ୍ଦା ଯଦୁବାବୁଙ୍କ ଆଡ଼େ ଅନେଇଲେ ।

—ସେ ମୋର ବନ୍ଧୁ ଏବଂ ସହକର୍ମୀ ।

—ନାମ ?

—ଯଦୁନାଥ ।

ସୁନନ୍ଦା ଦେବୀ ଯୋଡ଼ହସ୍ତରେ ପ୍ରଣାମ କଲେ । ସେ ଭଙ୍ଗିରେ ଥିଲା ନୂତନତା । ଯଦୁବାବୁଙ୍କ ମନରେ କେମିତି ଗୋଟାଏ ଚମକ ଲାଗିଲା ।

—ପନ୍ଦର—

ସୁନନ୍ଦା ଦାସ ଆଗେଇଲେ ଧୀର ପଦ କ୍ଷେପରେ । ତାଙ୍କ ପଛେ ପଛେ ମିଃ ସାହାଣୀ ଓ ଯଦୁବାବୁ । ଡ୍ରଇଂ ରୁମରେ ବସିଲେ ତିନିହେଁ । ଛୋଟ ଟେବଲ ଫ୍ୟାନଟିଏ ଘୂରୁଥିଲା ସେଠାରେ । ନୀଳ ଆଲୋକର ପ୍ଳାବନ ଖେଳୁଥିଲା ଡ୍ରଇଂ ରୁମରେ ।

ଯଦୁବାବୁଙ୍କ ନାକରେ କେମିତିଆ ଗୋଟାଏ ବାସ୍ନା ବାଜିଲା ଆସି । ସେ ବାରି ପାରିଲେନି କିଛି । ଯେମିତି ଏ ବାସ୍ନା ସହିତ ସେ ଆଗରୁ ପରିଚିତ । କେଉଁଠି ? ଚେଷ୍ଟା କଲେ ମନେ ପକାଇବାକୁ । ମନେ ପଡିଲା । ମନୁମେଣ୍ଟ ଉପରେ ହୋଇଥିବା ଖୁଣ୍, ଲାସ୍ ହାତର କେଶଗୁଚ୍ଛ, ତା'ର ଗନ୍ଧ ପରି ଗନ୍ଧ ଏ । କିପରି ଏହା ସମ୍ଭବ ? କିନ୍ତୁ ଏ ଯେ ଠିକ୍ ସେଇ ଏସେନ୍ସ ପରି ଗନ୍ଧ ! ଯଦୁବାବୁଙ୍କ ମନ ଗଳିଗଲା କେଉଁ ଏକ ଅତଳ ଗହ୍ବରକୁ । ଖୁଣୀ ତେବେ କ'ଣ ଏଇ ଘରେ ଆତ୍ମଗୋପନ କରିଛି ? ଅସମ୍ଭବ । ପ୍ରଥମ ତ ଲାସ ହାତରେ ଥିଲା ନାରୀର କେଶଗୁଚ୍ଛ । ନାରୀ କ'ଣ ତାକୁ ହତ୍ୟା କରିଥିଲା ? ହୋଇ ନ ପାରେ । ଗୋଟାଏ ନାରୀ ଏପରି ନୃଶଂସ ହତ୍ୟାକାଣ୍ଡ ସଂଘଟିତ କରି ନ ପାରେ । ତେବେ ହୁଏତ ଲାସ କୌଣସି ନାରୀ ପ୍ରତି ଅତ୍ୟାଚାର କରିବାକୁ ଯାଇ, ତା କେଶ ଗୁଛକୁ ଦୁଇ ହାତରେ ମୁଠାଇ ଧରିଥିଲା । ନାରୀ କୌଣସି ପ୍ରକାରେ ଖସି ଯାଇଛି । କିନ୍ତୁ କେଶ ଗୁଡ଼ିଏ ରହି ଯାଇଛି ଲୋକଟା ହାତରେ । ତା' ପରେ ହୁଏତ ଖୁଣ୍ ହୋଇଛି ଲୋକଟା ।

ଭାବନାର ଧାରା ବଦଳି ଚଲି । କାହିଁକି ଏ ଭାବନା ? ମିସ ସୁନନ୍ଦା ଦାସ ଧନୀର ଦୁଲାଳୀ । ସେ କ'ଣ ଦାମୀ ଏସେନ୍ସ ବ୍ୟବହାର କରି ପାରେନା ? ବିଶେଷତଃ ଗୋଟାଏ ପ୍ରକାର

ଏସେନ୍ସ ଶବ୍ଦ ଶବ୍ଦ ଜଣ ବ୍ୟବହାର କରିବାରେ ତ କୌଣସି ବାଧା ବନ୍ଧନ ନାହିଁ । ବଜାରରୁ ଯିଏ କିଣିଲା, ସେ ବ୍ୟବହାର କଲା । ଏଥିରେ ନୂତନତ୍ୱ କ'ଣ ଥାଇ ପାରେ ? ବେଖାପ ଭାବନା ଅସଂଲଗ୍ନ ମନର ଅସଂଲଗ୍ନ ଚିନ୍ତାଧାରା ।

ଯଦୁବାବୁ ଭାବନାର ସୂତାଖିଅ ଛିଣ୍ଡେଇ, ଅନେଇଲେ ସାହାଣୀ ଆଡ଼କୁ । ସୁନନ୍ଦା ଓ ସାହାଣୀର ମନଖୋଲା ଗପ ଚାଲିଛି ।

—ଆପଣ ନ ଅସିଥିଲେ ମିଃ ସାହାଣୀ, ମୋର ଅବସ୍ଥା ଯେ କ'ଣ ହୋଇଥାନ୍ତା ଆପଣ କଳନା କରି ପାରିବେ ନାହିଁ ।

—ଏ ପର୍ଯ୍ୟନ୍ତ ନ ଅସି ପାରିଥିବାର ମୂଳ କାରଣ ଆପଣ ତ ଶୁଣିଲେ । ଅଷ୍ଟପ୍ରହର ଏହି ସଇତାନ ଦଳଙ୍କର ଗୁପ୍ତମାତ । ମୋର ମନେ ହୁଏ···

—ଆପଣଙ୍କର କଣ ମନେ ହୁଏ ମିଃ ସାହାଣୀ ?

ମିସ୍ ସୁନନ୍ଦା ଦାସ ଚାହିଁଥିଲେ ମିଃ ସାହାଣୀଙ୍କ ଭ୍ରୂକୁଞ୍ଚିତ କପାଳ ଆଡ଼େ । ସୁନନ୍ଦାଙ୍କ ଆଖିରେ କୋଟିଏ ପ୍ରଶ୍ନ ବାଚକର ଚିହ୍ନ ।

ଯଦୁବାବୁ ଧୀର ଗଳାରେ କହିଲେ—

ଆପଣଙ୍କର ବାପା ହୁଏତ ସେହି ସଇତାନ ଦଳଙ୍କ ହାତରେ ପଡ଼ିଛନ୍ତି । ଅଚ୍ଛା ସୁନନ୍ଦା ଦେବୀ ! ଆପଣ ଅନୁମାନ କରି ପାରିଛନ୍ତି କିଛି ? ଆପଣଙ୍କ ବାପା ଏ ପର୍ଯ୍ୟନ୍ତ ଫେରି ନ ଆସିବା ମୂଳରେ କି କାରଣ ଥାଇପାରେ ?

—ସତର—

ମଉଳା ଫୁଲ ଝଡ଼ି ପଡ଼ିଲା ପରି ମିସ୍ ସୁନନ୍ଦା ଦାସ ଆଖି ବୁଜି ଦେଲେ । ଅନ୍ତର ତଳେ ଯେମିତି ଲକ୍ଷେ ଦଂଶନର ବେଦନା । ମୁଖଶ୍ରୀ ଆହୁରି ଝାଉଁଳି ପଡ଼ିଲା ।

—ଏଥିରୁ ଟିକିଏ କଷ୍ଟ ମୁଁ ବୁଝି ପାରୁ ନ ଯଦୁବାବୁ । ତା ଙ୍କ ବାପା କେବେ ମୋତେ କଷ୍ଟ ଜାଣିବାକୁ ବି ଦଅନ୍ତି ନାହିଁ ।

—କ୍ଷମା କରିବେ, ମୁଁ ଆପଣଙ୍କ ମନରେ ଆହୁରି ବେଦନା ଜଗେଇ କଷ୍ଟ ଦେଲି । ଆପଣ ମିଃ ସାହାଣୀଙ୍କ ସହିତ ଆଳାପ କରନ୍ତୁ । ମୁଁ ଟିକିଏ ଆପଣଙ୍କର ଏଇ ନୂଆ ଧରଣର ନିର୍ମିତ କୋଠା ଟିର ପାଖ ବାଖର ଗୁଡ଼ିକ ବୁଲି ଦେଖି ଆସୁଛି ।

—ଅଚ୍ଛା ସୁନନ୍ଦା ଦେବୀ, ବାପା ଆପଣଙ୍କର ଖୁବ୍ ବିଳାସ-ପ୍ରିୟ ?

—ହଁ ମିଃ ସାହାଣୀ । ତାଙ୍କର ସେଇ ବିଳାସୀତାହିଁ ହୁଏତ ତାଙ୍କୁ ଆଜି କେଉଁ ଅଜଣା ବାଟକୁ ଟାଣି ନେଇ ଯାଇଛି ।

—ମାନେ ।

ମିଃ ସାହାଣୀ ଚମକି ବସିଲେ । ସୁନନ୍ଦାଙ୍କ ମୁହଁରେ ଚଞ୍ଚଳତାର ଆଭାସ ଫୁଟି ଉଠିଲା । ଧୀରେ ଆଖି ଯୋଡ଼ିକ ନଇଁ ଆଣିଲେ ତଳକୁ ?

—ମାନେ ଆଉ କ'ଣ ଥାଇ ପାରେ ମିଃ ସାହାଣୀ । ଏମିତି କହି ଦେଲିନା । ମିଃ ସାହାଣୀ କଥାର ସୁଅ ବଦଳେଇ କହିଲେ

—ଅପଣଙ୍କ ଘରେ ତ କାହୁଁ କେହୁ ଗ୍ଭକର ବାକର ଦଣ୍ଡ ନ ହାନ୍ତି ?

—ବାପା ପସନ୍ଦ କରୁ ନ ଥିଲେ ସେ ସବୁ । ଗୋଟିଏ ବଧବା ସ୍ତ୍ରୀ ବାପାଙ୍କ ଆଶ୍ରୟରେ ଅଛି; ସେଇ ଘରଦ୍ୱାର ଦେଖାଗ୍ଭହାଁ କରେ । ପୃଙ୍ଖାଗ୍ଭଟିଏ ରନ୍ଧେ, ଖୁଆଏ, ଆଉ କାହାର କୌଣସି ଅବଶ୍ୟକ ନ ଥିଲା ।

—ବୁଝିଲି, ସେମାନେ ନାହାନ୍ତି ବୋଧେ ?

—ତୂଝାଗ୍ଭଟି ତିନ ଗ୍ଭରଦିନ ହେବ ଘରକୁ ଯାଇଛି, ଆଉ ସେ ବଧବା ସ୍ତ୍ରୀଟି ··ଏଇ ଆସିଲାଣି ତ ଏ ଅଡ଼େ, ଗ୍ଭ' ଅଣୁଛି ବୋଧହୁଏ ।

ପିଃ ସାହାଣୀ ଚାହିଁଲେ ତା' ଆଡେ । ବୟସ ଅର୍ଦ୍ଧକରୁ ଟପିଗଲାଣି । ରଂଗ, ଢ଼ଂଗ ଓ ଚାଲି ଚଳଣରେ ଗ୍ଭକରାଣୀର ଗନ୍ଧ ନାହିଁ, ନଥିବାର ମଧ୍ୟ କଥା, ଏଡ଼େ ଘରର ଗୋଟିଏ ଗ୍ଭକରାଣୀ ଯେତେବେଳେ !!

—ଅଛା ଯା ନାଁ ?

—ମୁଁ ତାକୁ ମାଣିକା ବୋଲି ଡ଼ାକେ ।

—ହଁ, ସୁନନ୍ଦା ଦେବୀ । ଆପଣଙ୍କ ବାପା ନିର୍ଜନତାକୁ ବେଶୀ ଭଲ ପାଆନ୍ତି ବୋଧହୁଏ ?

—କାରଣ ?

—ନୋଇଲେ ଲୋକ ବସତିର ବାହାରେ ଏ ହର୍ମ୍ୟ ଅଟ୍ଟାଳିକାର ରଚନା ହୋଇଥାଆନ୍ତା କୋଉଥିପାଇଁ ?

—ଆପଣ ଠିକ୍ ଅନୁମାନ କରିଛନ୍ତି । ସେ ତ ଏକା ନୁହନ୍ତି, ମୁଁ ବି ।

—ଉଣେଇଶି—

—ବୁଝିଲ, ଉପଯୁକ୍ତ ପିତାଙ୍କର ଉପଯୁକ୍ତା କନ୍ୟା ।

ମିସ୍ ସୁନନ୍ଦା ଦାସ ହସିଲେ ।

ଟେଲିଫୋନ୍‌ଟା ବାଜି ଉଠିଲା; ଟଣ୍...ଟଣ୍...ଟଣ୍......

—ହ୍ୟାଲୋ ?

—ମିଃ ସାହାଣୀ ସେଠାରେ ଅଛନ୍ତି ?

—ହଁ, ଆପଣ ?

—ମିଃ ମୁଖାର୍ଜି, ଲାଲ ବଜାରରୁ କହୁଛନ୍ତି । ରିସିଭରଟା ଶୀଘ୍ର ତାଙ୍କ ହାତକୁ ଦଅନ୍ତୁ ତ !

—ହଁ ମିଃ ମୁଖାର୍ଜି, ହଠାତ୍ ସ୍ମରଣ କଲେ କାହିଁକି ?

—ଆପଣ ଶୀଘ୍ର ଫେରି ଆସନ୍ତୁ; ସିଧା ପ୍ରିନ୍‌ସେସ ହୋଟେଲକୁ ଆସିବେ ।

—କାରଣ ?

କିନ୍ତୁ ଜବାବ୍ ନାହିଁ । ସେ ପାଖରୁ ରିସିଭରଟା ରଖି ଦେବାର ଶବ୍ଦ ହେଲା । ସୁନନ୍ଦା ଦାସ ଶଙ୍କିତ ନୟନରେ ଅନାଇଥିଲେ ସାହାଣୀଙ୍କ ମୁହଁକୁ ।

—ଯଦୁ ! ଯଦୁ !!

ଯଦୁବାବୁ ମିସ୍ ସୁନନ୍ଦାଙ୍କ ଡ୍ରେସିଂ ଟେବଲରୁ ଏସେନସ୍ ଶିଶିଟା ଉଠାଇ ଦେଖୁଥିଲେ—"ଇଭିନିଙ୍ଗ୍ ଇନ୍ ପ୍ୟାରିସ୍ ।" ଦି'ଟୋପା ରୁମାଲରେ ଢାଳି ଦେଲେ, ଠିକ୍ ସେଇ ଗନ୍ଧ ।

—ଯଦୁ ! ଯଦୁ !!

ମିଃ ସାହାଣୀ ପଶିଗଲେ ଭିତରକୁ ।

—ଆରେ ! ଏଠି କଣ କରୁଚୁ ?

—ନାଇଁ, ଏମିତି ବୁଲି ବୁଲି ଦେଖୁଚି ଘର ଗୁଡ଼ାକ । ଏତେ

ବଡ଼ କୋଠା । ଏତେ ବଖରା ଘର । ସବୁଥିରେ ସାଜସଜ୍ଜାର ସ୍ବଳଚକ୍ୟ ଅଥଚ ବାସିନ୍ଦା ମୋଟରେ ଦୁ'ଜଣ । ଭଗବାନଙ୍କର ସଂସାର ସାହାଣୀ, କାହାକୁ ହସାନ୍ତି ପୁଣି କାହାକୁ କନ୍ଦାନ୍ତି ।

ଧୀର ପଦ ଶବ୍ଦ ଶୁଭିଲା । ସୁନନ୍ଦା ଦେଖି ଆସୁଛନ୍ତି ବୋଧହୁଏ, ଅଟକ ଗଲା ଯଦୁ ବାବୁଙ୍କ ଭ୍ରୂଣ୍ଡି ।

—ତୁ ଶୀଘ୍ର ଆ ଯଦୁ ! ଗ୍ରିନ୍‌ସେପ ହୋଟେଲକୁ ଯିବାକୁ ହେବ ।

—କାହିଁକି ?

—ମିଃ ମୁଖାର୍ଜୀ ଫୋନ୍ କରିଥିଲେ ।

—କେତେବେଳେ ?

—ମୁହୂର୍ତ୍ତକ ଆଗରୁ ।

—ସେ କ'ଣ ଜାଣିଥିଲେ ଆମ ଏଠାକୁ ଆସିବା କଥା ?

—ମୁଁ ତ କହି ନାହିଁ ।

ଯଦୁ ବାବୁ ଧୀରେ ଧୀରେ ଆଗେଇଲେ ମିଃ ସାହାଣୀଙ୍କ ପଛେ ପଛେ । ସବା ଶେଷକୁ ମିସ୍ ସୁନନ୍ଦା ଦାସ ।

—ଆପଣମାନେ କ'ଣ ଗୁଲି ଯାଉଛନ୍ତି ?

—ନ ଯାଇ ଯେ ଉପାୟ ନାହିଁ ।

—ମୋ କଥା·· ·········

—ଆପଣ ଧୈର୍ଯ୍ୟ ହରାନ୍ତୁ ନାହିଁ । କାଲି ସକାଳେ ପୁଣି ଆସିବ ।

ମିସ୍ ସୁନନ୍ଦା ଛଳ ଛଳ ଆଖିରେ ଅନାଇ ରହିଲେ । ଯଦୁବାବୁ ଷ୍ଟାର୍ଟ ଦେଲେ ମଟରରେ ।

—ଏକୋଇଶି—

—ମୁଁ କିନ୍ତୁ ଯିବନାହିଁ ସାହାଣୀ ପ୍ରିନ୍‌ସେସ୍ ହୋଟେଲକୁ ।

—କାରଣ ?

—କିଛି ନୁହେଁ । ମୁଣ୍ଡଟା ଘାରି ହଉଛି । କେମିତି ଅସୁସ୍ଥତା ଅନୁଭବ କରୁଛି ଦେହ ମନରେ ।

—ବେଶ୍ ! ମୋତେ ତା' ହେଲେ ପ୍ରିନ୍‌ସେସ ହୋଟେଲ ପାଖରେ ଛାଡିଦେଇ ତୁ ବସାକୁ ଚାଲିଯିବୁ ।

—ମୁଁ ମଧ୍ୟ ସେଇଆ ମନସ୍ଥ କରିଛି ।

ପ୍ରୀନ୍‌ସେସ୍ ହୋଟେଲରେ ସେଦିନ କ'ଣ ଗୋଟାଏ ଥାଏ ବିଶେଷ ପ୍ରୋଗ୍ରାମ । ତେଣୁ ନୃତ୍ୟ ଗୀତର ଆୟୋଜନ କରା-ଯାଇଥାଏ ବିଶେଷ ଭାବରେ । ଲୋକଗହଳି ଟିକିଏ ବେଶୀ ଥାଏ ସବୁଦିନ ଅପେକ୍ଷା ।

ମିଃ ସାହାଣୀ ଭିତରକୁ ପଶିଗଲେ । ସେ ଢେରଥର ଆସିଛନ୍ତି ଏହି ହୋଟେଲକୁ । କିନ୍ତୁ ଆଜି ଯେମିତି ଏଠାରେ ଗୋଟାଏ ନୂତନତାର ଗନ୍ଧ ବାରୁଛନ୍ତି ସେ । ହୋଟେଲଟା ହୁଏତ ନବଜନ୍ମ ପାଇଛି ଆଜି । ସାଜସଜ୍ଜାର ପରିପାଟୀ ବିଶେଷ ଲକ୍ଷ୍ୟ କରିବାର କଥା ।

ରଙ୍ଗ ବେରଙ୍ଗର ପୋଷାକଧାରୀ ଲୋକମାନଙ୍କ ମଧ୍ୟରୁ ସେ ଖୋଜି ବାହାର କରିବାକୁ ଲାଗିଛନ୍ତି ମିଃ ମୁଖାର୍ଜୀଙ୍କୁ । ହୁଏ ତ,

ସେ ଆସିଥିବେ ଏଠାକୁ । ନୋହିଲେ ଟେଲିଫୋନ୍‌ରେ ଜଣେଇ ଥାଆନ୍ତେ କଣ ?

କିନ୍ତୁ କାହାନ୍ତି ସେ ?

ସେ ଖଣ୍ଡିଏ ଚେୟାର ଉପରେ ବସିଲେ । ବୟ ଖଣ୍ଡେ ଖାଦ୍ୟ ତାଲିକା ଦେଇଗଲା । ମିଃ ସାହାଣୀ ଗୋଟାଏ ଯୋଡ଼ାଏ ଦାଗ ମାରିଦେଲେ ସେଥିରେ ।

ଆଗ ଟେବୁଲରେ ଦୁଇଜଣ ତରୁଣ ତରୁଣୀ । ମନଖୋଲା ଗପ୍ ସଂଗରେ ଉଦରପୂଜା ହେଉଛି । ଉଚ୍ଛୁଳା ଆନନ୍ଦରେ ଦୁହେଁ ଭାସିଯିବେ ନେପର୍ଣ୍ଣିତ ! ଆଉ ଜଣେ ପଞ୍ଜାବୀ ନବଯୁବକ ଆସି ବସିଲେ ସେହି ଟେବୁଲ ପାଖରେ । ଅଙ୍ଗ ଆବରଣରୁ ଆଭିଜାତ୍ୟର ଛବି ଫୁଟି ଉଠୁଥିଲା । ଗମ୍ଭୀର ଅଥଚ ମଜ୍ଜନ ।

ତରୁଣ ତରୁଣୀଙ୍କ ଆନନ୍ଦରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ହଠାତ୍ । ଦୁହେଁ ଦୂଷିତ ନୟନରେ ଅନେଇଲେ ସେହି ଶିଖ୍‌ଟି ଆଡେ । ସେ କିନ୍ତୁ ଗମ୍ଭୀର ଆଉ ମଜ୍ଜନ ।

ମିଃ ସାହାଣୀ ଅନିମେଷ ନୟନରେ ଅନେଇଥିଲେ ସେଇ-ଆଡେ । ଖାଲି ଗୋଟାଏ ଖିଆଲରେ ହୁଏତ । ବୟ ଆଣି ଖାଇବା ଦେଇଗଲା । ମିଃ ସାହାଣୀ ସେଆଡୁ ଆଖି ଫେରାଇ ଆଣୁଥିଲେ ।

ସ୍ପେରେ ଚାମଚ୍ ବୁଡ଼ାଇ ପୁଣି ଚାହିଁଲେ ଆଗକୁ । ଆଶ୍ଚର୍ଯ୍ୟ ! ସେଇ ଶିଖ୍ ଭଦ୍ରଲୋକଙ୍କ ସଙ୍ଗରେ ତରୁଣ ତରୁଣୀ ଯୋଡ଼କ ହସି ହସି ଆଲାପ ସୁରୁ କରିଦେଇ ସାରିଲେଣି । ମିଃ ସାହାଣୀ ହଠାତ୍ ବୁଝି ପାରିଲେ ନାହିଁ କିଛି । ଦେଖିଲେ ତରୁଣଟି ହାତରେ ଖଣ୍ଡିଏ ଭିଜିଟିଂ କାର୍ଡ

—ତେଇଶି—

ନୃତ୍ୟ ଆରମ୍ଭ ହେବାର ସମସ୍ତ ଆୟୋଜନ ଯୋର୍ ସୋରରେ ଚାଲିଛି ହୋଟେଲରେ । ମିସେସ୍ ଦାସଗୁପ୍ତ ଦୀର୍ଘ ପାଞ୍ଚବର୍ଷ ପରେ ଆଜ ନାଚିବାକୁ ଆସିଛନ୍ତି । ତେଣୁ ସମସ୍ତଙ୍କ ମନରେ ଚଞ୍ଚଳତାର ତରଂଗ ।

ମିସେସ୍ ଦାସଗୁପ୍ତ ଜଣେ ଅବଶ୍ୟ ଥିଲେ ନାମଯାଦା ନର୍ତ୍ତକୀ । ସିନେମା ଲାଇନରେ ତାଙ୍କର ବେଶ୍ ଖାତିର ଥିଲା । ମୋଟା ଅଙ୍କର ଟଙ୍କା ସେ ଉପାର୍ଜ୍ଜନ କରୁଥିଲେ ସେତେବେଳେ ।

ଦୈବ କ୍ରମେ ଜଣେ ତାଙ୍କର ପରିଚୟ ହେଲା ଲକ୍ଷପତି ତପନ ଦାଶଗୁପ୍ତଙ୍କ ସଂଗରେ । ଦାଶଗୁପ୍ତ ବାହୁଁଲେ ତାଙ୍କୁ ନଜର କରି ରଖିବା ପାଇଁ । ସେ ରାଜି ହୋଇଥିଲେ । ବିବାହ ପର ଠାରୁ ମିସେସ ଦାସଗୁପ୍ତ ସିନେମା ଲାଇନରୁ ବିଦାୟ ନେଇ ଆସିଥିଲେ । କେବଳ କୌଣସି ବଡ଼ ବଡ଼ ଅନୁଷ୍ଠାନମାନଙ୍କରେ ମିଃ ଦାସଗୁପ୍ତ ତାଙ୍କୁ ନାଚିବାକୁ ଅନୁମତି ଦିଅନ୍ତି । ଏମିତି ଗୋଟାଏ କାହାଣୀ ଲୋକ ମୁଖରୁ ଦାଶଗୁପ୍ତ ଦମ୍ପତିଙ୍କ ସମ୍ବନ୍ଧରେ ଶୁଣିବାକୁ ମିଳେ ।

ମିସେସ୍ ଦାଶଗୁପ୍ତଙ୍କ ନୃତ୍ୟରେ ନୂତନତା ଥାଏ ବୋଲି ଦର୍ଶକ ସାଧାରଣ ଦେଖିବାକୁ ଭାରି ଭଲ ପାଆନ୍ତି । ନୃତ୍ୟରେ ତାଙ୍କର ଅଂଗ ସଂଚାଳନା ବାସ୍ତବିକ୍ ଦେଖିବାର କଥା ।

ମିଃ ସାହାଣୀ ବ୍ୟଥିତ ଚିତ୍ତରେ ଖୋଜୁଥିଲେ ମିଃ ମୁଖାର୍ଜୀଙ୍କୁ କିନ୍ତୁ କାହାନ୍ତି ସେ ?

କ୍ରମେ ନୃତ୍ୟାରମ୍ଭର ସମୟ ପାଖେଇ ଆସୁଥିଲା ।

ଯଦୁବାବୁ ସିଧା ଗାଡ଼ି ଛୁଟେଇ ପହଞ୍ଚିଲେ ମିଃ ମୁଖାର୍ଜୀଙ୍କ ଘରେ । ସେ ନାହାନ୍ତି । କ୍ଲବଘରରେ—ନା, ସେଠାରେ ମଧ୍ୟ ନାହାନ୍ତି । କେଉଁଠାକୁ ଯାଇଛନ୍ତି, କେହି ସଠିକ ଖବର ଦେଇ ପାରିଲେ ନାହିଁ । ତେବେ କ'ଣ ସେ ମଧ୍ୟ ଯାଇଛନ୍ତି ପ୍ରିନସେସ ହୋଟେଲକୁ ?

ଯଦୁବାବୁଙ୍କ ମୁଣ୍ଡ ଭାବନା ଭାରରେ ଭାରାକ୍ରାନ୍ତ । ଅସମ୍ଭବ । କଦାପି ଯା' ହୋଇ ପାରେନା । ଆମେ ଲେକ୍ ରୋଡ଼୍ ଯିବା କଥା ମାହାଣୀ ଓ ମୋ ଛଡ଼ା ତୃତୀୟ ବ୍ୟକ୍ତିଙ୍କୁ ଅଗୋଚର ଥିଲା । ମିଃ ମୂଟାର୍ଜୀ କପରି ଜାଣିଲେ ଆମେ ମିସ୍ ସୁନନ୍ଦା ଦାସଙ୍କ ଘରେ ଅଛୁ ? ହୁଏତ ସେ ଚିହ୍ନି ନଥିବେ ମିସ୍ ସୁନନ୍ଦା ଦାସଙ୍କୁ । ଯା' ପଛରେ ନିଶ୍ଚୟ କାହାର ଗୁପ୍ତ ଇଙ୍ଗିତ କାମ କରୁଛି । ସାହାଣୀ ପ୍ରିନ୍‌ସେସ ହୋଟେଲରେ । କିଏ ତାଙ୍କୁ ଡାକି ନେଇଛି ସେଠାକୁ ? ହୁଏ ତ ବିପଦ ଆପଦ ପଡ଼ିପାରେ ତା'ଉପରେ । ମୋର ସେଠାକୁ ଯିବା ଏକାନ୍ତ ଆବଶ୍ୟକ । କିନ୍ତୁ ଛଦ୍ମ ବେଶରେ ।

ଯଦୁବାବୁ ବେଶ ପରିବର୍ତ୍ତନ କଲେ ସଙ୍ଗେ ସଙ୍ଗେ । ସମୟ ସାଢ଼େ ନ'ଟାରୁ ବଳି ଯାଇଥିଲା । ମନରେ ଅସଂଖ୍ୟ ପ୍ରଶ୍ନ ଧରି ମଟରରେ ଷ୍ଟାର୍ଟ ଦେଲେ । ଘଟଣାଟା ଯେତିକି ରହସ୍ୟମୟ, ସେତିକି ଅନ୍ଧକାରଚ୍ଛନ୍ନ ।

ହୋଟେଲର ସଦର ଗେଟ୍‌ରେ ଭିତରକୁ ପଶିଲେ । ନୃତ୍ୟ ଆରମ୍ଭ ହୋଇ ସାରିଛି । ସମସ୍ତେ ମନ ଧ୍ୟାନ ଦେଇ ନୃତ୍ୟ ଦେଖୁଛନ୍ତି । କାହାରି ଅନ୍ୟ କୌଣସି ଆଡ଼େ ଧ୍ୟାନ ନାହିଁ ।

ଯଦୁବାବୁ ଯେମିତି କାହାର କେଉଁଠୁ ଗୋଟାଏ କ୍ଷୀଣ ବିଳାପର ଆଭାସ ପାଇଲେ । ସେ କାନ ଡେରିଲେ ଶିକାରୀ କୁକୁର ପରି । ସତେ ତ ! ଅନେଇଲେ ଚାରିଆଡ଼କୁ । କେହି କେଉଁଠି ନାହାନ୍ତି । ହୋଟେଲର ବାକରମାନେ ମଧ୍ୟ ନୃତ୍ୟ ଭିତରେ ନିଜକୁ ହଜେଇ ଦେଇଛନ୍ତି ।

ଯଦୁବାବୁ ଅସ୍ଥିର ପାଦଚାଳନାରେ ଏଣିକି ତେଣିକି ଧାଇଁ-ବାକୁ ଲାଗିଲେ । କିନ୍ତୁ ସେଇ କ୍ଷୀଣ ସ୍ୱରଟା ଯେମିତି ତାଙ୍କ କାନରେ କରୁଣତା ଜମେଇବାରେ ଲାଗିଛି । କେଉଁଠୁ ଭାସି ଆସୁଛି ଏ କରୁଣ ବିଳାପ ?

ସେ ଉପରକୁ ଅନାଇଲେ । ଗୋଟାଏ ଝାଲରର ପରଦା ଟଣା ହୋଇଛି ଯେମିତି । କ୍ଷୀଣ ସ୍ୱରଟା ସେଇ ଆଡ଼ୁ ଭାସି ଆସୁଛି ପରି ମନେ ହେଉଛି ।

ଯଦୁବାବୁ ସ୍ଥିର ରହି ପାରିଲେ ନାହିଁ । ବିଚଳିତ ଭାବ ଫୁଟି ଉଠିଲା ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗରେ । ସେ ସୋପାନ ଶ୍ରେଣୀ ଅତିକ୍ରମ କରି ଉପରକୁ ଉଠିଲେ । କାହାରି ଜଣକର ଦୃଷ୍ଟିବର୍ତ୍ତୀ ପର୍ଯ୍ୟନ୍ତ ହେଲ । ସମସ୍ତେ ନୃତ୍ୟ ଦେଖିବାରେ ମନପ୍ରାଣ ଲଗେଇ ଦେଇଛନ୍ତି ।

ଯଦୁବାବୁ ଆଗେଇଲେ । ସ୍ୱରଟା କ୍ରମଶଃ କମି ଆସିଲାଣି । ଖାଲି କରୁଣତାର ଗୋଟାଏ ଲହରୀ ଖେଳି ଚାଲିଛି ପବନ ସଙ୍ଗରେ । ସେ ଆଗେଇଲେ । ରୁମ୍ ପରେ ରୁମ୍ । ସବୁ ରୁମ୍‌ରେ ତାଲା ପଡ଼ିଛି ବାହାରୁ । ଅଟକି ଗଲେ ଗୋଟାଏ କୋଣ ଘରେ । ଭିତରେ

ଜମାଟ ବନ୍ଧା ଅନ୍ଧକାର ଭିତରେ କିଏ ଜଣେ ଯେପରି ପଦଚାରଣ କରୁଛି । ଗୁଡ଼ନାଇଟ୍ ମିଳିନଥିଲା । ଯଦୁବାବୁ ନିଷ୍ଠଳ ମୂର୍ତ୍ତି ଭଳି ଦୁଆରେ ଠିଆ ହୋଇଥିଲେ । ଫୁସ୍ ଫାସ୍ କଥାବାର୍ତ୍ତା ଶୁଣାଗଲା ଭିତରୁ । କିଏ ? କ'ଣ କରୁଛି ଏହି କୋଠରୀ ଭିତରେ ?

ଯଦୁବାବୁ ଆଘାତ କଲେ ଦୁଆରେ । ନିଶୁନ । ସବୁ ଥମିଗଲା । ଯୋର୍‌ରେ କଡ଼ା ହଲେଇଲେ । ଦରଜା ଠେଲିଲେ । ଭିତରୁ ବନ୍ଦ, ହତ୍ତ୍ୱକ ହୋଇ ପଡ଼ିଲେ ସେ । ଖଡ୍ ଖଡ୍ କଲେ ଆହୁରି ଯୋର୍‌ରେ । ଧକ୍କା ମାରିବାକୁ ଯାଉଥିଲେ । ତତ୍‌କ୍ଷଣାତ୍ ଆସି ପହଞ୍ଚିଲେ ମ୍ୟାନେଜର । କର୍କଶ ସ୍ୱରରେ ପଚାରିଲେ,

—କିଏ ଆପଣ ? କ'ଣ ଚାହାନ୍ତି ?

—ଯଦୁବାବୁ ଓଲଟା ପ୍ରଶ୍ନ କଲେ ।

—ଆପଣଙ୍କ ପରିଚୟ ?

—ମୁଁ ମ୍ୟାନେଜର ।

ମ୍ୟାନେଜରଙ୍କ ପଛେ ପଛେ ମିଃ ସାହାଣୀ ସେଠାରେ ପହଞ୍ଚିଲେ ଆସି ।

—ବ୍ୟାପାର କ'ଣ ଯଦୁ ?

ଯଦୁବାବୁ ନିଜର ପରିଧେୟ ଆଡ଼କୁ ଅନାଇ ଟିକିଏ ଚଞ୍ଚଳ ହୋଇ ପଡ଼ିଲେ ।

ମିଃ ସାହାଣୀ ହସିଲେ ।

—ମୁଁ ଆଉ ଚିହ୍ନି ପାରନ୍ତି ନାହିଁ 'ନା ! ତୋ ଛଦ୍ମବେଶଟା ନିଖୁଣ ହୋଇଛି, ତଥାପି କପାଳର ତିଳ ଚିହ୍ନଟା······

—ଏ ଘରେ ମୁଁ କୌଣସି ନାରୀର କରୁଣ ବିଳାପ ଶୁଣିବାକୁ ପାଇଛି ଯଦୁ । ଏଇଟା ଭିତରୁ ବନ୍ଦ, ପୁଣି ବାହାରୁ ତାଲା ପଡ଼ିଛି ।

—ସତେଇଶି—

ମ୍ୟାନେଜର ଚଞ୍ଚଳ ହୋଇ ଉଠିଲେ ।

—କାହାର କଣ୍ଠ ସ୍ୱର ? କ'ଣ କହୁଛନ୍ତି ଆପଣ ? ଗୁଳି ଯେ ମୋ ପାଖରେ !

—ଆପଣ ଖୋଲନ୍ତୁ ତ !

ମ୍ୟାନେଜର କ୍ୟାସ୍‌ବାକ୍ସ ସହିତ ପକେଟ ଅଣ୍ଡାଳିଲେ । ଗୁଳିଟା ସେ ଛାଡ଼ିଦେଇ ଆସିଛନ୍ତି ତଳେ । ଓହ୍ଲେଇ ଗଲେ ସେମିତି ବ୍ୟସ୍ତତା ସହକାରେ ।

ସେଇଠି ଛିଡ଼ା ହୋଇ ରହିଲେ ସାହାଣୀ ଓ ଯଦୁବାବୁ । ହଠାତ୍ ତଳୁ ଗୋଟାଏ କୋଳାହଳର ରୋଳ ଉଠିଲା । ଯଦୁବାବୁ ଓ ସାହାଣୀ ଚମକି ପଡ଼ିଲେ । ହଲ୍ଲା ବଢ଼ି ଉଠୁଛି କ୍ରମଶଃ । ଦୁହେଁ ଚଞ୍ଚଳ ପଦକ୍ଷେପରେ ଛୁଟିଗଲେ ତଳକୁ । ମ୍ୟାନେଜର ବିବ୍ରତ ହୋଇ ଉଠୁଥିଲେ ଉପରକୁ ।

—ଧାଇଁ ଆସନ୍ତୁ ମିଃ ସାହାଣୀ ! ମିସେସ୍ ଦାସଗୁପ୍ତଙ୍କ କଣ୍ଠରୁ ହୀରାହାରଟି ବର୍ତ୍ତମାନ ଚୋରି ହୋଇଯାଇଛି ।

—ଏଁ ! ହୀରାହାର ଚୋରି ?

ମିଃ ସାହାଣୀ ଓ ଯଦୁବାବୁଙ୍କ ଆଖି କପାଳକୁ ଉଠିଗଲା ।

ଦୁହେଁ ଜନଗହଳ ଭିତରେ ଛୁଟିଗଲେ ମିସେସ୍ ଦାସଗୁପ୍ତଙ୍କ ନିକଟକୁ ।

—କେଉଁଠୁ ଅପଣଙ୍କ ହୀରାହାର ଚୋରି ଯାଇଛି ?

—ଏଇ ଗ୍ରିନ୍ ରୁମ୍‌ରୁ ।

—କିପରି ?

—ମୁଁ ନୃତ୍ୟ ଶେଷ କରି ଆସୁଥିଲି ପୋଷାକ ପରିବର୍ତ୍ତନ କରିବାକୁ । ଗ୍ରୀନ୍‌ରୁମ୍ ଭିତରକୁ ପାଦ ବଢାଇଛି, ଠିକ୍ ସେହି

—ମାନେ, ଆପଣ ମୋତେ ଟେଲିଫୋନ କରି ନଥିଲେ ସେଠାକୁ ଯିବା ପାଇଁ ?

—ମୁଁ ?

ମିଃ ମୁଖାର୍ଜୀ ବିବ୍ରତ ହୋଇ ପଚାରିଲେ ।

ଯଦୁବାବୁ ହସୁଥିଲେ ମନେ ମନେ ।

—ହଁ, ଆପଣ । ମୁଁ ମିସ୍ ସୁନନ୍ଦା ଦାସଙ୍କ ଘରେ ଥିଲି । ଆପଣ ମୋତେ ଟେଲିଫୋନ କରି କହିଲେ ଶୀଘ୍ର ପ୍ରିନ୍‌ସେସ ହୋଟେଲକୁ ଆସନ୍ତୁ ।

—ମୋତେ କ'ଣ ଆପଣ ସେଠାରେ ଦେଖିଥିଲେ ?

—ନା, ଚେଷ୍ଟା କରିଥିଲି, କିନ୍ତୁ ପାଇଲି ନାହିଁ ।

—ତା ହେଲେ ଆପଣ ପ୍ରତାରିତ ହୋଇଛନ୍ତି । ମୁଁ ଆଜି ତିନି ଘଣ୍ଟା ଧରି ଇଣ୍ଡିଆନ ବ୍ୟାଙ୍କରେ ଥିଲି । ଯେଉଁ ଷ୍ଟ୍ରଙ୍ଗରୁମଟି ସେଠାରୁ ଚୋରି ଯାଇଛି, ତହିଁରେ କାହାର କି ସମ୍ପତ୍ତି ଥିଲା ଯାଞ୍ଚ କରୁଥିଲି । ଜଣାଗଲା ଯେ ବାଲିଗଂଜ ଲେକ୍‌ରୋଡରେ ବାସ କରୁଥିବା ଅବସରପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ ମିଃ ସୌରେନ୍ଦ୍ର ଦାସଙ୍କର କେତେକ ଖୁବ୍ ଦରକାରୀ କାଗଜ ପତ୍ର ସେଥିରେ ଥିଲା । ତାଙ୍କର ସମସ୍ତ ସମ୍ପତ୍ତିର ଉଇଲ ଓ ଅନ୍ୟାନ୍ୟ କେତେ ମୂଲ୍ୟବାନ ପଦାର୍ଥ ସେହି ଷ୍ଟ୍ରଙ୍ଗରୁମରେ ବନ୍ଦ ହୋଇ ରଖାଯାଇଥିଲା ।

ମିଃ ସାହାଣୀ ଚମକି ଉଠିଲେ ।

—ବାଲିଗଂଜ ଲେକ୍‌ରୋଡ୍ । ସୌରେନ୍ଦ୍ର ଦାସ ! ସେ ମଧ୍ୟ ହୋଇ ଦିନ ହେବ ଅନ୍ତର୍ହିତ ।

—ମାନେ ?

—ସେ ତାଙ୍କର ଜଣେ ଆତ୍ମୀୟଙ୍କ ଘରକୁ ଯାଇ ଆଉ ଫେରି

ନାହାନ୍ତି । ତାଙ୍କର ଏକମାତ୍ର କନ୍ୟା ସୁନନ୍ଦା ଦାସ ସେଥିପାଇଁ ବଡ଼ ଚିନ୍ତିତ ଓ ଚଞ୍ଚଳ । ତା' ହେଲେ ଦେଖୁଛନ୍ତି ସମସ୍ୟା ବଡ଼ ଜଟିଳ ହୋଇ ଆସୁଛି ।

ମିଃ ମୁଖାର୍ଜିଙ୍କ ତୁଣ୍ଡରୁ କଥା ବାହାରିଲା ନାହିଁ ।

ସୌରେନ୍ଦ୍ର ବାବୁ ମଧ୍ୟ ଅନ୍ତର୍ହିତ । ଏଣେ ତାଙ୍କର ସମସ୍ତ ସଂପତ୍ତି ହରଣଶୀଳ । ବିଚରା ସୁନନ୍ଦା ଏକାକିନୀ । କେଉଁ ମୁହୂର୍ତ୍ତରେ ତା'ର ଯେ କ'ଣ ଘଟିଯିବ ତା କିଏ କହିବ ।

ଯଦୁବାବୁ ସେମାନଙ୍କର ଭାବନାସ୍ରୋତକୁ ଛିଣ୍ଡାଇ ଦେଲେ ।

—ଖାଲି ତ ଭାବି ବସିଲେ ହେବ ନାହିଁ କିଛି । ପରିସ୍ଥିତିର ଜଟିଳତା ଭିତରୁ ଆମକୁ ଖୋଜି ବାହାର କରିବାକୁ ହେବ ପ୍ରକୃତ ତଥ୍ୟ ।

ମିଃ ସାହାଣୀ ଭାବୁଥିଲେ, ପ୍ରିନ୍ସେସ୍ ହୋଟେଲ କଥା । କିଏ କାହିଁକି ତାଙ୍କୁ ଟେଲିଫୋନ୍ କରି ସେଠାକୁ ଡକାଇ ଆଣିଲା ? କି ଉଦ୍ଦେଶ୍ୟ ଥିଲା ତା'ର ? ତା' ଛଡ଼ା ଆଉ ଗୋଟିଏ କଥା . . ,।

ଯେତେବେଳେ ହୀରାହାର ଚୋରି ପରେ ପ୍ରତ୍ୟେକ ସ୍ତ୍ରୀ ପୁରୁଷଙ୍କୁ ତଦାରଖ କରାଗଲା, ସେତେବେଳେ ମୁଁ ତ ସେ ଶିଖ୍ ଭଦ୍ରଲୋକ ଆଉ ତରୁଣ ତରୁଣୀ ଯୋଡ଼ିଙ୍କ ଭିତରୁ କାହାରିକୁ ଦେଖିବାକୁ ପାଇଲି ନାହିଁ ? ତେବେ କଣ ସେଇମାନେ ଏ ରହସ୍ୟ-ପୂର୍ଣ୍ଣ ତଥ୍ୟର ଅଧିନାୟକ ? ହୋଇପାରେ । ଅସମ୍ଭବ ନୁହେଁ । ନୋହିଲେ ସେମାନେ ଯାଇଥାନ୍ତେ କୁଆଡେ ।

ହଠାତ୍ ତାଙ୍କର ମନେ ପଡ଼ିଲା ଗୋଟିଏ ମୁହୂର୍ତ୍ତର ଘଟଣା । ଯେତେବେଳେ ତରୁଣ ତରୁଣୀ ଖୁସି ଗପରେ ମାତିଥିଲେ ସେମାନଙ୍କ ଆନନ୍ଦରେ ବାଧା ଜନ୍ମାଇ ପହଞ୍ଚିଲା ଗୋଟିଏ ଶିଖ ଯୁବକ । ତରୁଣ

ତରୁଣୀ ଦୁହେଁ ତା ଉପରକୁ ଚଢ଼ି ଉଠିଥିଲେ । ତା' ପରେ ଶିଖ୍ ଯୁବକଟି ଖଣ୍ଡିଏ କାର୍ଡ ପକେଟରୁ ବାହାର କରି ତରୁଣ ତରୁଣୀ ଦୁହିଁଙ୍କୁ ଦେଖେଇଥିଲା । ସେଇଠୁ ହସି ହସି ସେମାନେ ସ୍ୱାଗତ ଜଣାଇଥିଲେ ଶିଖ୍ ଯୁବକଟିକୁ ।

ଶିଖ ଯୁବକଟିର କାର୍ଡ଼ ଖଣ୍ଡିକ ସମସ୍ତଙ୍କ ଅଲକ୍ଷ୍ୟରେ ଖସି ପଡ଼ିଥିଲା ଟେବୁଲ ତଳକୁ । ମିଃ ସାହାଣୀ ତାହା ଲକ୍ଷ୍ୟ କରିଥିଲେ । କିନ୍ତୁ ସେମାନେ ଉଠିଯିବା ପରେ କାର୍ଡ଼ ଖଣ୍ଡିକ କ'ଣ ହେଲା ? ସେ ସମ୍ବନ୍ଧରେ ବିଶେଷ ଖବର ରଖି ନଥିଲେ ।

ହଠାତ୍ ମିଃ ସାହାଣୀ ଉଠିଲେ ।

—ଯଦୁ ! ଯଦୁ !! ଗାଡ଼ି ବାହାର କର ।

—କ'ଣ ହେବ ?

—ବର୍ତ୍ତମାନ ପ୍ରିନ୍ସେପ ହୋଟେଲକୁ ଟିକିଏ ଯିବା ।

—କ'ଣ ସ୍ୱପ୍ନ ଦେଖୁଛୁ ନା କ'ଣ ? ରାତି ବାରଟା ବାଜିଲାଣି ।

—ବାରଟା ଛାଡ଼ ତିନଟା ହେଲେ ବି କିଛି ଯାଏ ଆସେନା । ତୁ ଯା ତ, ଗାଡ଼ିଟା ଶୀଘ୍ର ବାହାର କର । ଗୋଟାଏ ମସ୍ତ କ୍ଲୁ ପଡ଼ି ରହିଛି ପ୍ରିନ୍ସେପ ହୋଟେଲରେ । ମୋର ଏତେବେଳକେ ମନେ ପଡ଼ିଲା ।

—ସତେ ?

ମିଃ ମୁଖାର୍ଜୀ ଓ ଯଦୁବାବୁ ଉତ୍ସାହିତ ହୋଇ ଉଠିଲେ ।

ପ୍ରିନ୍ସେପ ହୋଟେଲର ପ୍ରଧାନ ଫାଟକ ବନ୍ଦ କରୁଥିଲା ଦରୱାନ । ମଟର ଲାଗିଲା ହୋଟେଲ ଦୁଆରେ । ମିଃ ମୁଖାର୍ଜୀ ଓହ୍ଲାଇ ପଡ଼ି ଦରୱାନକୁ ଗେଟ ବନ୍ଦ କରିବାକୁ ମନାକଲେ । ପଚାରିଲେ:—

—ତେଣି—

—ମ୍ୟାନେଜର ଅଛନ୍ତି ?

—ନା ।

—କେଉଁଠିକି ଯାଇଛନ୍ତି ?

—ଘରକୁ ଗଲେଣି ।

—ଓଃ ! ତା' ହେଲେ ସେ ହୋଟେଲରେ ରୁହନ୍ତି ନାହିଁ ! ଆଚ୍ଛା ତାଙ୍କ ଘର ଠିକଣା ?

—ରସଲ ଷ୍ଟ୍ରୀଟରେ କେଉଁଠି ଥାଆନ୍ତି ।

—ପୂରା ଠିକଣା ଜଣାନାହିଁ ?

—ନା ।

—ଯା ହେଉ ହୋଟେଲରେ ଆମର ଡିଟେକ୍‌ଟିଭ କାମ ଅଛି । ଅମେ ସର୍ଚ୍ଚ କରିବୁ ।

ଦରୱାନ ପୁଲିଶ ଲୋକ ଦେଖି ହଁ ନା କିଛି କହି ପାରୁ ନ ଥିଲା । ମିଃ ସାହାଣୀ ତାର ଏପରି ଭାବ ଦେଖି ପଚାରିଲେ ।

—ଆଚ୍ଛା । ହୋଟେଲ ଭିତରଟା ପରିଷ୍କାର ହୋଇ ସାରିଲାଣି ?

—ନା ଆଜ୍ଞା, ଆଜିର ଏଇ ଗୋଳମାଳ ଯୋଗୁଁ କିଛି ହୋଇ ପାରିନାହିଁ ।

ମିଃ ସାହାଣୀ ଖୁସି ହେଲେ ମନେ ମନେ । ଆଉ ଦରୱାନକୁ କିଛି ନ କହି ସିଧା ସଳଖେ ପଶିଲେ ହୋଟେଲ ଭିତରକୁ । ଦରୱାନ ବାଧା ଦେଇ ପାରିଲା ନାହିଁ । ସେ ଟେବଲ ତଳର କାର୍ପେଟ ଉପରେ କାର୍ଡ ଖଣ୍ଡିକ ପଡ଼ିଛି । ମିଃ ସହାଣୀ ଆଗ୍ରହରେ ତାକୁ ଚଟ୍ଟ ଉଠାଇ ଆଣିଲେ ।

ପର ମୁହୂର୍ତ୍ତରେ ମୁହଁ ତାଙ୍କର ଫିକା ପଡ଼ିଗଲା । କାର୍ଡର ଦୁଇ ପାଖ ଯାକ ଓଲଟା ପାଲଟ କରି ଦେଖିଲେ । କେଉଁଠି କିଛି ଲେଖା ହୋଇନାହିଁ । ବ୍ଲାଙ୍କ କାର୍ଡଟାଏ ।

ସବୁ ଆଶା ସବୁ ଭାବନା ଦଣ୍ଡକେ ମିଳାଇ ଗଲା । ଏଠାରେ ମଧ୍ୟ ତାଙ୍କର ପରାଜୟ ହୋଇଛି । ସେ ବିମର୍ଷ ମନରେ ଫେରି ଆସିଲେ ମଟର ପାଖକୁ ।

ଯଦୁବାବୁ ମଟରରେ ଷ୍ଟାର୍ଟ ଦେଉଥିଲେ, ହସିଲେ । କହିଲେ–

—ବିଫଳ ହେଲୁ, ନା ରେ ?

ଗାଡ଼ି ଆଗେଇଲା । ମିଃ ମୁଖାର୍ଜୀ ବ୍ଲାଙ୍କ୍ କାର୍ଡଟା ଉପରେ ବିଫଳ ଆଖି ଯୋଡ଼ାକ ବୁଲଉଥିଲେ । ପ୍ରତାରଣା, ପ୍ରବଞ୍ଚନା ।

ଆଖିରେ ତାତି ଲାଗିଗଲା ତାଙ୍କର ।

ଗାଡ଼ି ଲେକ୍‌ରୋଡ଼ ଅଡ଼କୁ ଧାଉଁଥିଲା । ମିଃ ସାହାଣୀ ହଠାତ୍ ଭାବନା ରାଜ୍ୟରୁ ଫେରି ଆସିଲେ ।

—କୁଆଡ଼େ ଯାଉଛୁ ଯଦୁ ?

—ମିସ୍ ସୁନନ୍ଦା ଦାସଙ୍କ ଘରକୁ ।

—ଏତେ ରାତିରେ ?

—କାଳେ କିଛି ବିପଦ ଆପଦ ପଡ଼ିଥିବ ତାଙ୍କୁ, ଟିକିଏ ଦେଖି ଆସିବା ।

ଗାଡ଼ିର ବେଗ କ୍ରମଶଃ ବଢ଼ି ଯାଉଥିଲା ।

ମିସ୍ ସୁନନ୍ଦା ଦାସଙ୍କ ବିରାଟ ପ୍ରସାଦ ସତେ ଯେମିତି ରାତିର ନିର୍ଜ୍ଜନତା ଭିତରେ ବୁଡ଼ିଯାଇ ପଡ଼ିଛି । କାହାର ଟିକିଏ ଶବ୍ଦ ନାହିଁ । ଯଦୁବାବୁ ଫାଟକ ଦୁଆରରେ ଗାଡ଼ି ଭିଡ଼ିଲେ । ମିଃ ସାହାଣୀ

ଓ ମିଃ ମୁଖାର୍ଜୀଙ୍କୁ ସେହି ଗାଡ଼ିରେ ଅପେକ୍ଷା କରିବାକୁ କହି ନିଜେ ସେ ଫାଟକ ଖୋଲି ବଗିଚା ଭିତରକୁ ପଶିଲେ ।

ଦେଶୀ ବିଦେଶୀ ନାନା ପ୍ରକାର ଫଳ ଫୁଲ ଗଛ ମଣ୍ଡିତ ସୁନ୍ଦର ବଗିଚାଟିଏ । ବଗିଚା ପରେ ସୁନନ୍ଦା ଦେବୀଙ୍କ ବାସଗୃହ । ତା ପାଖକୁ ଗାଡ଼ି ଗ୍ୟାରେଜ ଏବଂ ଅନ୍ୟାନ୍ୟ ଘର ଗୁଡ଼ିକ ।

ଯଦୁବାବୁ ପ୍ରଥମେ ଗାଡ଼ି ଗ୍ୟାରେଜକୁ ଗଲେ । ବେଶ୍ ଅଷ୍ଟିନ ଖଣ୍ଡିକରୁ ତାପ ଉଠୁଛି । ସେ ଇଞ୍ଜିନର ଘୋଡ଼ଣୀ ଖୋଲି ଦେଖିଲେ । ହୁଏତ ଘଣ୍ଟାକ ପୂର୍ବରୁ ଗାଡ଼ି ଖଣ୍ଡିକ କେଉଁଠାକୁ ଯାଇଥିଲା । ପୁଣି ଘୋଡ଼ଣୀଟା ବନ୍ଦ କରିଦେଲେ । ଗ୍ୟାରେଜରୁ ପଦେକୁ ବାହାରି ଆସିଲେ । ଗୋଟାଏ ଛାୟାମୂର୍ତ୍ତି ଗଛ ଉହାଡ଼ରେ ମିଳେଇ ଗଲା ।

—କିଏ ? କିଏ ସେଠାରେ ?

ଜବାବ ନାହିଁ ।

ପାଟି ଶୁଣି ମିଃ ମୁଖାର୍ଜୀ ଓ ସାହାଣୀ ଭିତରକୁ ପଶି ଆସିଲେ । ମିଃ ମୁଖାର୍ଜୀଙ୍କ ହାତରେ ପାଞ୍ଚସେଲିଆ ଟର୍ଚ୍ଚଟାଏ ଜଳି ଉଠିଲା । ଆଲୋକର ପ୍ଳାବନ ଖେଳିଗଲା ବଗିଚା ଭିତରେ । କିନ୍ତୁ କେହି ନାହିଁ । ବରଗଛଟାର ଓହଳ ଗୁଡାକ ଓହଳି ପଡ଼ିଛି ତଳକୁ ।

— ତୋର ଏହି ଓହଳକୁ ଦେଖି ଭ୍ରମ ହୋଇଛି ବୋଧହୁଏ ।

— ନାଁ ସାହାଣୀ—ମୁଁ ଦେଖିଲି ଛାୟାଟାଏ ସୁନନ୍ଦାଙ୍କ ଘର ଆଡୁ ଆଗେଇ ଆସିଲା ।

— ତେବେ ଗଲା କେଉଁଆଡେ ? ଫାଟକ ପାଖରୁ ତ ଆମେ ଆସୁଛୁ । ସେ ବାଟେ ପଳେଇ ଯିବାର ଆଶା ନାହିଁ । ବଗିଚା ଭିତରଟା ତ ଫାଙ୍କା । ଛାୟା ମୂର୍ତ୍ତିଟା କ'ଣ ପବନରେ ମିଳାଇଗଲା?

—ଛଅଶି—

କୋଠା ଉପରେ କଣ ଗୋଟାଏ ଝଁଣ କରି ଶବ୍ଦ ହେଲା । ଚ'ଟା ଶିକାରୀ ଆଖି ଉଠିଗଲା ସେଆଡ଼େ । ଗୋଟାଏ ନୀଳ ଆଲୋକ ଥରୁଛି ଦ୍ୱିତଳ ବାରଣ୍ଡା ଉପରେ । କ୍ରମେ କ୍ରମେ ସେଟା ଆଗେଇ ଯାଉଛି ପୂର୍ବରୁ ପଶ୍ଚିମ ଆଡ଼କୁ ।

ମିଃ ମୁଖାର୍ଜୀ ଟର୍ଚ୍ଚଟା ଲିଭାଇ ଦେଲେ । ନୀଳ ଆଲୋକଟା ଟିକେ ଥରି ଆସ୍ତେ ଆସ୍ତେ ବନ୍ଦ ହୋଇଗଲା । ସେମାନେ ଘଣ୍ଟାଏ ସେଆଡେ ଅନାଇ ରହିଲେ । ଆଉ କୌଣସି ନୂଆ ଘଟଣା ଦେଖିବାର ଆଶା ପୋଷଣ କରିଥିଲେ ମନରେ । ନା—କୋଠାଟା ଗଭୀର ଅନ୍ଧକାର ଭିତରେ ଆଖି ମୁଦି ଦେଇଛି ।

—କ'ଣ ଭାବୁଛ ଯଦୁ ?

—ଭାବୁଛି, ମିସ୍ ସୁନନ୍ଦା ଦାସଙ୍କୁ ଡାକିବା କି ନାହିଁ ?

—କିଏ ଜାଣେ ମିସ୍ ସୁନନ୍ଦା ଦାସ ଏ ଭିତରେ ହରଣଚାଳ ହୋଇଛନ୍ତି କି ନାହିଁ ।

—ଥରେ ଦେଖି ଆସିଲେ ଭଲ ହୁଅନ୍ତା ।

ମିଃ ମୁଖାର୍ଜୀ କବାଟ ଖଡ଼୍ ଖଡ଼୍ କଲେ ।

—କିଏ ?

—ମୁଁ ମିଃ ସାହାଣୀ ।

ଭିତରେ ଲାଇଟ ଜଳିଲା । ସୁନନ୍ଦା କବାଟ ଖୋଲି ଦେଲେ ।

—ଏତେ ରାତିରେ ?

—ଉପଦର ଝଂଜା ବହି ଯାଉଛି କିନା, ଚାଲି ଆସିଲି ଭାଳେ କିଛି ଅଘଟଣ ଘଟିଲା କି କ'ଣ ଭାବି ।

ଧନ୍ୟବାଦ । ଭିତରକୁ ଆସନ୍ତୁ । ଅନ୍ତତଃ ମୋ ପାଇଁ ମୁଁ ଯେତେ ଚିନ୍ତିତ ନୁହେଁ, ବାପାଙ୍କ କଥା ଭାବି ଆଖିକୁ ନିଦ ଆସୁନାହିଁ ମୋତେ । ତାଙ୍କର କୌଣସି ସମ୍ବାଦ ପାଇଲେ ?

—ସଇଁତରିଶି—

— କିନ୍ତୁ ଏ ପର୍ଯ୍ୟନ୍ତ ମିଳିନାହିଁ ।

ମିସ୍ ସୁନନ୍ଦା ଦାସଙ୍କ ମୁହଁରେ ବେଦନାର ଛାଇ ଫୁଟି ଉଠିଲା । ସେ ମେଜ ଉପରେ ଆନମନା ଭାବରେ ଅଙ୍ଗୁଳି ଗୁଡ଼ାକ ଚଲାଉଥିଲେ ।

ସମସ୍ତେ ଚେୟାର ଉପରେ ବସି ସାରିଥିଲେ ।

— ଟିକିଏ ଚାହାର ବ୍ୟବସ୍ଥା କରିବି ?

— ନା — ନା — ଏତେ ରାତିରେ ଆପଣଙ୍କୁ କଷ୍ଟ ଦେବାକୁ ଚାହୁଁନା ଆମେ । ଆଚ୍ଛା, ସୁନନ୍ଦା ଦେବୀ ! ଆପଣଙ୍କୁ ଏତେ ବଡ଼ କୋଠାଟାରେ ଏକା ରହିବା ପାଇଁ ରାତିରେ ଡର ଲାଗେ ନାହିଁ ?

ମିସ୍ ସୁନନ୍ଦା ହସିଲେ —

ଅଭ୍ୟାସ ହୋଇଗଲାଣି କିନା, ଯେଉଁଥି ପାଇଁ ......

ଯଦୁବାବୁ ଚେୟାରରୁ ଉଠିଲେ । ସୁନନ୍ଦା ଦେବୀଙ୍କର କଳା-ଡୋଳା ଯୋଡ଼ାକ ଥରି ଉଠିଲା ।

କରେ ଯଦୁ ! ଯାଉଛୁ କୁଆଡ଼େ ?

ତୁମେ ବସି କଥାବାର୍ତ୍ତା କର, ମୁଁ ଏଇ ଉପର ମହାଲରୁ ଆସୁଛି ଟିକିଏ, ମିଃ ମୁଖାର୍ଜି, ଟର୍ଚ୍ଚଟା ଧରନ୍ତୁ ତ ଟିକିଏ । ସୁନନ୍ଦା ଦେବୀ, ଉପରତାଲାକୁ ଯିବାକୁ ସିଡ଼ି ଏଇବାଟେ ନା ?

ବିଚଳିତ ହୋଇ ଉଠି ପଡ଼ୁଥିଲେ ମିସ୍ ସୁନନ୍ଦା, ପୁଣି ଚେଆର ଉପରେ ବସି ପଡ଼ିଲେ — ମୁହଁରେ ହସ ଫୁଟାଇଲେ ଟିକିଏ ।

ହଁ, ସେଇ ବାଟ । କିନ୍ତୁ ହଠାତ୍ ଉପରକୁ ଯିବାର କ'ଣ ଦରକାର ପଡ଼ିଲା ଆପଣଙ୍କର ?

ଏମିତି ।

— ଅଠସ୍ତରି —

ଯଦୁ ବାବୁ ହସି ଦେଲେ ଟିକଏ କଣେଇ କର ।

ବଂଗଳାରେ ତିନ ଖଣ୍ଡ ବଖରା ଘର । ଗୋଟାଏ ପ୍ରଶସ୍ତ ବାରଣ୍ଡା । ବାରଣ୍ଡାରେ ଦୁଇ ତିନୋଟି ଇଜି ଚେୟାର । ଗୋଟିଏ ଟେବୁଲ । ଗାଙ୍ଗୁଲରେ ସଜା ହୋଇଛି କେତୋଟି ବିଦେଶୀ ସୌଖୀନ ଗଛ । ଫୁଲ ଫୁଟିଛି ଗୋଟେ ଯୋଡାକରେ । ହଠାତ୍ କିଏ ଜଣେ ବାରଣ୍ଡାର ସେ ମୁଣ୍ଡରୁ ଉଠି ପଡ଼ି ପଶି ଯାଉଥିଲା ଗୋଟାଏ ଘର ଭିତରକୁ ।

—କିଏ ?

ଲୋକଟାର ପାଦ ଯେମିତି ପୋତି ହୋଇଗଲା ସେଇଠି । ସେ ଅଚଳ ମେରୁ ପରି ଅଟକି ଗଲା ସେଇଠାରେ ।

—ମୁଁ ମାଣିକ ।

— ଏତେ ରାତିରେ କଣ କରୁଥିଲ ଏଠାରେ ?

ମୁଁ ଏଇ ଘରେ ଶୁଏ । ଖୁବ ଗରମ ପଡୁଥିବାରୁ ବାରଣ୍ଡାରେ ଶୋଇବାକୁ ଆସିଥିଲି । ଆପଣଙ୍କର ପାଦ ଶବ୍ଦ ଶୁଣି ଡ଼ରି ପଳାଇ ଯାଉଥିଲି ଘର ଭିତରକୁ ।

ଯଦୁବାବୁଙ୍କ ହାତରେ ଜଳନ୍ତା ଟର୍ଚ୍ଚ ଆଲୁଅରୁ ଝଲକେ ପଡ଼ୁଥିଲା ତଳ ବଗିଚା ଭିତରେ । କିଏ ଜଣେ ସେଇ ଝାମ୍ପୁରା ବରଗଛ ମୂଳରୁ ବାହାରି ଦଉଡ଼ି ପଳାଇ ଯାଉଛି ରାସ୍ତା ଆଡେ । ହାତର ଆଲୋକ ବାଙ୍କିଗଲା ଯଦୁବାବୁଙ୍କର । ଗୋଟାଏ କଳାବେଶ ପିନ୍ଧାଲୀ ଲୋକ ପଛଆଡୁ କିଛି ଚିହ୍ନି ହେଲା ନାହିଁ । ମାଣିକାର ନଜର ପଡନାହିଁ ସେଆଡ଼େ । ଯଦୁବାବୁ କିଛି କହିଲେ ନାହିଁ । ହୁଏତ ଭାବିଲେ କହି ଲାଭ ନାହିଁ

— ଅଣସ୍ଲକଣି —

କହୁ । ଲୋକଟା ଭଦ୍ରଲରୁ ଖସି ଯାଇଛି । ଟର୍ଚ୍ଚ ଫେରାଇଲେ ମାଣିକା ଆଡ଼କୁ ।

—ତୁମେ ଏଇ ଘରେ ଶୁଅ, ନା ?

ଯଦୁବାବୁ ଧୀରେ ଧୀରେ ପଶିଲେ ଘର ଭିତରକୁ । ବିଶେଷ କିଛି ଆସବାବପତ୍ର ନାହିଁ । ଗୋଟାଏ ତକ୍ତପୋଷ ଉପରେ ବିଛଣା ପଡ଼ା ହୋଇଛି । କେତେ ଖଣ୍ଡ ଶାଢ଼ୀ ବ୍ଲାଉଜ ଓହଳିଛି ଗୋଟାଏ ଦଉଡ଼ିରେ । ଆଉ ଗୋଟାଏ ପୁରୁଣା ଆଲମିରା ।

—ଆଚ୍ଛା ମାଣିକା । ତୁମେ ପନ୍ଦର ମିନିଟ ଆଗରୁ ଶୋଇଥିଲ ନା ଚେଇଁ ଥିଲ ?

—ଶୋଇଥିଲି ।

—କେଉଁଠି ?

—ଏଇ ଖଟ ଉପରେ—

—ମିଛ କଥା ।

ମିଛ କହି ମୋର ଲାଭ କ'ଣ ?

—ବହୁତ ।

ଯଦୁବାବୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଥିଲେ ମାଣିକା ଆଡ଼କୁ । ମାଣିକାର ମୁଖଭଙ୍ଗୀ ଅପରିବର୍ତ୍ତିତ ।

ଯଦୁବାବୁ ହସିଲେ ମନେ ମନେ ।

—ତୁମେ ତା' ହେଲେ ସନ୍ଧ୍ୟାବେଳୁ ଏ ପର୍ଯ୍ୟନ୍ତ ମୋଟେ ଶୋଇନାହଁ, ନା କ'ଣ କହୁଛ ?

—ଆପଣ ଯେତେବେଳେ କହୁଛନ୍ତି ......

ନା...ନା...ମୁଁ କହୁଛି ନୁହେଁ ମାଣିକା, ଏଇ ତୁମର ବିଛଣା କହୁଛି । ଯେଉଁ ସୁନ୍ଦର ଖଣ୍ଡିକ ବିଛେଇଛ ବିଛଣା ଉପରେ

ସେ ହିକଏ ବି ଖାଣ୍ଟି ଚକଟି ହୋଇ ନାହିଁ । ଅଚ୍ଛା ସେ ଯାହା ହେଉ, ତୁମେ ଏଇ ଅଳ୍ପ ସମୟ ଆଗରୁ ଏଇ ବାରଣ୍ଡା ଉପରେ ଗୋଟାଏ ନୀଳଆଲୋକ ଦେଖିଥିଲ ?

ନୀଳ ଆଲୋକ ?

—ହଁ, ହଁ, ନୀଳ ଆଲୋକ । ଏ ମୁଣ୍ଡରୁ ବାହାରି ସେ ମୁଣ୍ଡରେ ଯାଇ ମିଳେଇ ଯାଇଥିଲା ।

—ନା, ନା, ଆଜ୍ଞା । ଆମର ଏଠି ଭୂତ ପ୍ରେତ ନାହାନ୍ତି । ମୁଁ କେବେ କିଛି ଆଲୋକ ଫାଲୋକ ଦେଖି ନାହିଁ ।

—ଯଦୁବାବୁ ପୁଣି ହସିଲେ ଟିକଏ କଣେଇ ମୁହଁ । ଘରୁ ବାହାରି ଆସିଲେ ବାରଣ୍ଡାକୁ । ଗୋଟିଏ ଇଜିଚେୟାର ଉପରେ ଗୋଡ଼ ହାତ ମେଲି ବସିପଡ଼ିଲେ ।

—ଏଁ, ଏଥିରେ ଯେ ସେଇ ଦାମୀ ଏସେନ୍ସର ଗନ୍ଧ ।.ଶୁଙ୍ଘିଲେ ଭଲକରି । ହଁ ସେଇ ଗନ୍ଧ । ଠିକ ସେଇ ଗନ୍ଧ । ଅଚ୍ଛା ମାଣିକା ! ଏଇ ଅଳ୍ପ ସମୟ ହେବ, ଏଇ ଧର ଅଧଘଣ୍ଟା କିମ୍ବା ପନ୍ଦର ମିନିଟ ପୂର୍ବରୁ ଏଠାକୁ ମିସ୍ ସୁନନ୍ଦା ଦାସ ଆସିଥିଲେ କି ?

—ନାଇଁ ତ ।

—ମାଣିକା ତୁମେ ବହୁତ ମିଛ କହୁଛ ।

—ଆଜ୍ଞା, ଆପଣଙ୍କ ସାମନାରେ ମିଛ କହି ମୋର ଲାଭ ?

ଯଦୁବାବୁ ମାଣିକା ଆଡ଼େ କଣେଇ ମୁହଁ ପୁଣି ହସିଲେ ଟିକଏ । ଖାଲି ହସିଦେଲେ । ଉଠି ପଡ଼ିଲେ ଇଜି ଚେୟାରରୁ । ତଳେ ଗୋଡ଼ ଲଗେଇଛନ୍ତି, କ'ଣ ଗୋଟାଏ ପଡ଼ିଗଲା ତାଙ୍କ ଗୋଡ଼ ପାଖରୁ । ହାତରେ ଉଠାଇ ଆଣିଲେ । ଦେଢ଼ ଫୁଟ ଲମ୍ବର ଗ୍ଲେଟ ସ୍ନେକରଟିଏ । କଳା ରଙ୍ଗର । ଯେମିତିକା ରେଲରରେ

ସ୍କୁଲ ପିଲାମାନେ ଖାତାରେ ରୁଲ ଟାଣନ୍ତି । ଯଦୁବାବୁ ସ୍ତବଧ୍ ରହିଲେ ବଣ୍ଟେ । ଏଠା କାହିଁକି ଏଠାରେ ପଡ଼ିଛି ? କ'ଣ ଭାବି ପୁଣି ହସିଦେଲେ ଟିକଏ ।

—ଅଚ୍ଛା ମୁଁ ଯାଉଛି ମାଣିକା । ଆସି ତୁମ ଶୋଇବାରେ ବ୍ୟାଘାତ ଜନ୍ମେଇଲି । ପଛରେ ଗାଳି ଦେବ ନାହିଁ ।

—ଏତେ ରାତିରେ କୁଆଡ଼େ ଆସିଥିଲେ ଆପଣ ?

—ମିସ୍ ସୁନନ୍ଦା ଦାସଙ୍କର ବିପଦ । ଏ ବେଳରେ ଆମର କର୍ତ୍ତବ୍ୟ ତାଙ୍କର ଭଲମନ୍ଦ ତଦାରଖ କରିବା । ଆମ ଆସିବାରେ କ୍ଷତି ଅସ୍ୱିଧା କଣ ?

—ସତରେ ସେ ବଡ଼ ଦୁଃଖୀ ଆଜ୍ଞା । ବାବୁ ନ ଫେରିବା ଦିନରୁ ଖାଇବା ଶୋଇବା ନାହିଁ । ଆପଣ ଟିକଏ ତାଙ୍କୁ ବୁଝେଇସୁଝେଇ ସାନ୍ତ୍ୱନା ଦେଇଯିବେ । ବାବୁ ହୁଏତ ନ କହି କେଉଁ ଦୂର ମୁଲକକୁ ଚାଲି ଯାଇଛନ୍ତି, ବଳେ ଫେରି ଆସିବେ ନାହିଁ କି ।

—ଏମିତି କ'ଣ ସେ ବେଳେ ବେଳେ ଚାଲିଯାନ୍ତି ବାହାରକୁ ?

—ଆଗେ ଯାଉଥିଲେ । ସରକାର ଘର କାମ ଛାଡିବା ଦିନରୁ ଘର ଛାଡି ଆଉ କୁଆଡ଼କୁ ଯାଆନ୍ତି ନାହିଁ ।

—ହୁଁ...ତୁମେ ଶୁଅ ଯା, ମୁଁ ଯାଉଛି ।

ମିସ୍ ସୁନନ୍ଦା ଯଦୁବାବୁଙ୍କ ହାତର କଳା ଗେଲରଟାକୁ ଏକ ଦୃଷ୍ଟିରେ ଅନାଇ ଥିଲେ ।

[illegible] ହେଲେ ଅମେ ଆଜି ଅସୁସ୍ଥ ସୁନନ୍ଦା ଦେବୀ, ତୁମେ [illegible] ବେଳେ ନିଜ ରକ୍ଷା ପାଇଁ ଦୃଢ ଅଛ, ସେତେବେଳେ ଆମର ଆଉ ସେତେ ବେଶୀ ଭୟ କରିବାର କଥା ନାହିଁ ।

ମିଃ ସାହାଣୀ ଚେଆରରୁ ଉଠିଥିଲେ ।

—ଦ୍ୱାଦଶ—

—ବସ୍ ସାହାଣୀ । ମୋର ସୁନନ୍ଦା ଦେବୀଙ୍କୁ କେତେଗୁଡ଼ା କଥା ପଚାରିବାର ଅଛି ।

ମିସ ସୁନନ୍ଦା ଦାସ ପୁଣି ବସି ପଡ଼ିଲେ ଚେଆର ଉପରେ ।

—କ'ଣ ପଚାରନ୍ତୁ ?

—ହଁ, ସୁନନ୍ଦା ଦେବୀ, ଆପଣଙ୍କର ଯେଉଁ ମଟର ଗାଡ଼ିଟିଏ ଅଛି, ତାର ଡ୍ରାଇଭର କେଉଁଠି ରୁହେ ?

—ଡ୍ରାଇଭର ନାହିଁ । ମୋଟର ଡ୍ରାଇଭିଂ ଆସେ ଓ ବାପା ମଧ୍ୟ ଜାଣନ୍ତି । ଦରକାର ହେଲେ ଆମେ ନିଜେ ନିଜର କାମ ଚଳାଇ ନେଉ ।

—ଆଜିକାଲି ସମୟ ତ ସେଇଆ ଆସିଗଲାଣି ସୁନନ୍ଦା ଦେବୀ । ଆତ୍ମନିର୍ଭରଶୀଳ ହେବାକୁ ହେବ । ନିଜ କାମ ନିଜ ହାତରେ ତୁଲାଇବାକୁ ହେବ । ନୋହିଲେ ହଟହଟା ହେବା ଛଡ଼ା ଅନ୍ୟ ବାଟ ନଥିବ । ବେଶ୍ । ହଁ, କ'ଣ କହୁଥିଲି ? ମନେ ପଡ଼ିଲା, ଆପଣ କ'ଣ ଆମ ପଟେଛ ପଟେ ପ୍ରିନ୍ସେସ ହୋଟେଲକୁ ନାଚ ଦେଖିବା ପାଇଁ ଯାଇଥିଲେ ?

ସୁନନ୍ଦା ଦେବୀ ବିସ୍ମିତ ନୟନରେ ଅନାଇଲେ ପଧାନଙ୍କ ଆଡ଼େ ।

—କ'ଣ ଆପଣ କହୁଛନ୍ତି ଅଜେ ବାଜେ କଥା ।

—ତା ହେଲେ କୌଣସି ବନ୍ଧୁ ବାନ୍ଧବ ଘରଆଡ଼େ ଯାଇଥିଲେ ନିଶ୍ଚୟ ।

ସୁନନ୍ଦା ଦେବୀଙ୍କ ତୁଣ୍ଡରୁ କଥା ବାହାରିଲା ନାହିଁ ।

—ତୋର ଏଥି ବଦଳିଆଲ ଯିବନାହିଁ ହେବୁ । ଭଦ୍ରମହିଳାଙ୍କୁ ଜଳାନା ଆଉ । ଏକେତ ମନରେ ତାଙ୍କର ଅମାପ ଦୁଃଖ, ତା' ଉପରେ ତୋର ଅଯଥା ପ୍ରଶ୍ନରେ ସେ ବିବ୍ରତ ।

—ରେସ୍ଲାଇଟ—

ଯଦୁବାବୁ ଖାଲି ହସିଲେ ।

— ଆଚ୍ଛା ଗୁଡ଼ଲେ, ସାହାଣୀ । ମୋର ଏହି ମନ୍ଦ ଅଭ୍ୟାସ ପାଇଁ ବେଶୀ ଭାଗରେ ଦାୟୀ ତୁ ।

ତିନିହେଁ ବାହାର ଆସିଲେ ବାହାରକୁ । ମିସ୍ ସୁନନ୍ଦା ଦାସ କବାଟ ବନ୍ଦ କଲେ ଭିତରୁ ।

ସକାଳ ଛ'ଟା । ଯଦୁବାବୁ ବିଛଣାରୁ ଉଠିବେ ଉଠିବେ ହେଉଛନ୍ତି । ମିଃ ସାହାଣୀଙ୍କର ନିଦ ଭାଙ୍ଗି ନାହିଁ ।

ଟେଲିଫୋନ୍‌ଟା ଝଙ୍କାର କରି ଉଠିଲା ।

ହ ଏ ଲୋ······

······ମିଃ ସାହାଣୀ ଅଛନ୍ତି ?

—ହଁ ମିଃ ସାହାଣୀ ସ୍ପିକିଂ । ଆପଣ ?

···ମୁଁ ମିଃ ଦାସଗୁପ୍ତ । ଗତକାଲି ପ୍ରିନ୍‌ସେପ ହୋଟେଲର ଅପ୍ରୀତିକର କାହାଣୀ ଆପଣଙ୍କୁ ଜଣାଥିବ । ମୋ' ସ୍ତ୍ରୀଙ୍କର ସେହି ବହୁମୂଲ୍ୟ ହୀରକ ହାରଟି ଚୋରିଗଲା ବେଳ ଠାରୁ କାହାର ମନରେ ଶାନ୍ତି ନାହିଁ । ପୋଲିସ କୌଣସି କିନାରା କରି ପାରୁନାହିଁ । ଶୁଣିଲି ଆପଣ କାଲି ପ୍ରିନ୍‌ସେପ ହୋଟେଲରେ ଉପସ୍ଥିତ ଥିଲେ । ମୁଁ ଚାହେଁ ଆପଣଙ୍କ ଉପରେ ଏହାର ତଦନ୍ତ ଭାର ଅର୍ପଣ କରିବାକୁ ।

— ଚଉସଠିଶି—

—ତା ପୂର୍ବରୁ ମୁଁ କାମ ଆରମ୍ଭ କରି ସାରିଛି · ମିଃ ଦାସଗୁପ୍ତ । ଆପଣ ଧୈର୍ଯ୍ୟ ହରାନ୍ତୁ ନାହିଁ ।

···ଆପଣଙ୍କ ଉପରେ ଭରସା କରି ରହିଲି । କିନ୍ତୁ ମୋର ସେକ୍ସପିୟରଙ୍କ ହାରଟି ମିଳିବା ଦରକାର । ଯେତେ ଟଙ୍କା ବ୍ୟୟ ହେଉ ପଛକେ, ଆପଣ ସେ ହାରଟି ଖୋଜି ଦିଅନ୍ତୁ ।

—ମୁଁ ତ ଆଉ ଚେଷ୍ଟାରେ ତ୍ରୁଟି କରିବି ନାହିଁ ! ଫଳାଫଳ ମୋ ଅକ୍ତିଆରର ବାହାରେ ।

ରିସିଭରଟା ରଖି ଦେଲେ ଯଦୁବାବୁ । ମିଃ ସାହାଣୀ ଉଠି ନାହାନ୍ତି । ଘୂରିବାର ଲାଗୁଛି ଯଦୁବାବୁଙ୍କ ମୁଣ୍ଡ । ସେ ଏବେ କାହାକୁ ବିଶ୍ୱାସ କରିବେ ? ନ କରିବେ ? ଯେମିତି ଗୋଟାଏ ଭୟଙ୍କର ଗୁପ୍ତ ଷଡ଼ଯନ୍ତ୍ର ଗୁଳୁଛି ଭିତରେ ଭିତରେ ।

ଗତ ରାତିର ଘଟଣା ମନେ ପଡ଼ିଲା ତାଙ୍କର । ପ୍ରିନ୍‌ସେପ ହୋଟେଲର ଗୋଟାଏ ପ୍ରକୋଷ୍ଠରେ ସେ ଯେମିତି ଅପରାଧୀକୁ ପାଇ-ଥିଲେ । କିନ୍ତୁ ଧରା ନ ଦେଇ ସେ ଖସିଗଲା କେଉଁ ଏକ ଅଜ୍ଞାତ ପଥରେ । ତା ପରେ ମିସ୍ ଦାସଗୁପ୍ତାଙ୍କ ବେକରୁ ହୀରାହାର ଚୋରି । ମିସ୍ ସୁନନ୍ଦା ଦାସଙ୍କ ଘରେ ଅଜବ ବ୍ୟାପାର । ମାଣିକାର ଝାଳୁବ ହୋଇଗଲା । ବାରଣ୍ଡାରେ ନାଳ ଆଲୋକ । ଇଜି ଚେୟାର ଉପରୁ କିଏ ଉଠିଗଲା । ଚେୟାରରେ ଦାମୀ ଏସେନ୍‌ସର ଗନ୍ଧ । କିଏ ? କ'ଣ ଏ ସବୁ ? କିଏ ଏ ରହସ୍ୟର ଆଗରେ, ପଛରେ, ଚତୁଃ-ପାର୍ଶ୍ୱରେ ? କେଉଁଠୁ ପାଇବେ ସେ ଉତ୍ତର ? କିଏ ଦେଖାଇବ ତାଙ୍କୁ ପଥ ?

ସେ ଭାରି ମୁଣ୍ଡଟାକୁ ଲଦି ଦେଲେ ସେଇ ଟେବୁଲଟା ଉପରେ । ମିଃ ସାହାଣୀ ପ୍ରିନ୍‌ସେପ ହୋଟେଲରୁ ଗୋଟେଇ ଆଣିଥିବା, ବାଙ୍କ

—ପଇଁଶଳିଶି—

କାର୍ଡଟା ସେଇ ଟେବଲ ଉପରେ ପଡିଛି । ଯଦୁବାବୁ କାର୍ଡଟା ଦେଖିଲେ ଓଲଟପାଲଟ କରି । ଫାଙ୍କା, ଗୋଟାଏ ମସ୍ତ ଫାଙ୍କି ।

ମାଗ୍ନିଫାଇ ଗ୍ଲାସଟାଏ ଥୁଆ ହୋଇଥିଲା ସେଇ ଟେବଲ ଉପରେ । ହଠାତ୍ କ'ଣ ଭାବି ଯଦୁବାବୁ ସେଇ ଗ୍ଲାସଟା ପକାଇ ଦେଖିଲେ କାର୍ଡଟା ଉପରେ । ଆଖିରେ ତାଙ୍କର ଫୁଟି ଉଠିଲା ଅବାର ଏକ କ୍ଷୀଣ ଆଲୋକ । ସେ ସଜାଡି ହୋଇ ବସିଲେ । ନିରୀକ୍ଷଣ କଲେ ଭଲ ଭାବରେ । କ'ଣ ଯେମିତି ଝାପ୍ସ ଝାପ୍ସା ଦିଶୁଛି କାର୍ଡଟାରେ । ଚେଷ୍ଟା କଲେ ପଢ଼ିବାକୁ । ପଢି ପାରିଲେ ମଧ୍ୟ । 'ସଂକେତ କ୍ଲବ' । ଧର୍ମତାଲା ଷ୍ଟ୍ରୀଟ୍ । ମନ ତାଙ୍କର ନାଚି ଉଠିଲା ଆନନ୍ଦରେ । ସେ ଧାଇଁ ଗଲେ ମିଃ ସାହାଣୀଙ୍କ ପାଖକୁ ।

—ସାହାଣୀ ! ସାହାଣୀ ! !

ମିଃ ସାହାଣୀ ଅଳସ ଦୃଷ୍ଟିରେ ଅନାଇଲେ । ହାଇ ମାରୁ ମାରୁ ପଚାରିଲେ ।

—କ'ଣ କରେ ଯଦୁ ?

—ହୀରାହାର ଚୋରର ସଂଧାନ ପାଇଛି ।

ଉଠି ବସିଲେ ମିଃ ସାହାଣୀ । ଆଖିରେ ବିସ୍ମୟତା

—ସତେ ? ତା ହେଲେ ତ ଦିନକେ ସବୁ ରହସ୍ୟ ଉଦ୍ଘାଟିତ ହୋଇଯିବ । କେମିତି ସଂଧାନ ପାଇଲୁ ? କିଏ ଚୋର ? କିଏ ସଇତାନ ?

—ତା ଅବଶ୍ୟ ଏ ପର୍ଯ୍ୟନ୍ତ ଜାଣି ନାହିଁ । ସେଇ ଯେଉଁ ବ୍ଲାଙ୍କ କାର୍ଡଟା କାଲି ରାତିରେ ପ୍ରିନ୍ସେପ ହୋଟେଲରୁ [illegible] ଆଣି ନଥିଲୁ ? ସେଇ କାର୍ଡଟାରୁ ମୁଁ ସଂଧାନ ପାଇଛି ।

ଯଦୁବାବୁ ଦେଇ ଆସିଲେ କାର୍ଡ ଖଣ୍ଡିକ ଓ ମାଗ୍ନିଫାଇଂଗ୍ଲାସ୍ ।

ସାହାଯ୍ୟରେ ଦେଖାଇ ଦେଲେ କାର୍ଡ ଭିତରେ ଥିବା ଲେଖା-ଗୁଡ଼ିକ ।

ମିଃ ସହାଣୀ ଚିନ୍ତା କଲେ—

—'ସଂକେତ କ୍ଲବ' । ଧର୍ମତାଲା ଷ୍ଟ୍ରୀଟ୍ । ମନେ ପଡ଼ୁନି ତ କେଉଁଠି ସେଇଟା । ଯାହା ହେଉ ଖୋଜ ବାହାର କରିବାକୁ ହେବ । ଗୁମ୍ଫିଲେ ଯଦୁବାବୁଙ୍କ ଆଡ଼େ । ସେ ଚିନ୍ତିତ ।

—କ'ଣ ଭାବୁଛୁ ଯଦୁ ?

—ଏଇ କାର୍ଡ ରହସ୍ୟ । କେମିତି ଏହା ହୋଇ ପାରିଲା । ଲେଖା ଗୁଡ଼ାକ ଖାଲି ଆଖିକୁ ଦେଖା ନ ଯିବା ମୂଳରେ କି କାରଣ ଥାଇପାରେ ?

—ତା' ତ ନିଶ୍ଚୟ । ତେବେ ମୁଁ କଣ ଭାବୁଛି ଜାଣୁ ଯଦୁ ? ଏବେ ବୈଜ୍ଞାନିକ ପ୍ରଣାଳୀରେ ଗୋଟାଏ ପ୍ରକାର କାଳି ତିଆରି ହୋଇଛି, ବୋଧହୁଏ ଜାଣିଥିବୁ । ସେଇ କାଳି ଯେ କୌଣସି କାଗଜ ଉପରେ ରଖିଲେ ସେ ଲେଖା କାଗଜ ଉପରେ ୨୪ ଘଣ୍ଟା ମାତ୍ର ରହିବ । ତାପରେ କାଗଜ ଉପରୁ ସବୁ ଦାଗ ଫାଗ ଉଠିଯିବ ଲୁଆଡ଼େ । ବୋଧହୁଏ ଏ କ୍ଷେତ୍ରରେ ସେଇ କୌଶଳ ଅବଲମ୍ବନ କରାଯାଇଛି ।

—ହଁ, ଠିକ୍ କହିଛୁ ସାହାଣୀ । ସେହି କାଳିର ହାତ ସଫେଇ ଏ । କାଁ'ଟା କଣ ସେ କାଳିର ? ମାଜିକ୍ଇଙ୍କ୍ ନା ? ଯଦୁବାବୁ ଉଠି ଯାଉଥିଲେ ପୁଣି ବସୁ ବସୁ କହିଲେ ।

—ମିଃ ଦାସଗୁପ୍ତ ଫୋନ କରିଥିଲେ । ଖୋଜୁଥିଲେ ତତେ । ମୁଁ ତୁ ଦେବାକୁ କହି ତାଙ୍କ ହାରହାର ଖୋଜ ଦେବାର ପ୍ରତିଶ୍ରୁତି ଦେଇଛି । ଦେଖ ଯେମିତି ହତାଶ ନ ହୁଅନ୍ତି ।

—ସତଗୃଳଶି—

—ଧେତ୍ । ତୁ ପୁଣି କାହାଁକି ସେ ଦାୟିତ୍ୱ ଗ୍ରହଣ କଲୁ ? ଆମେ ଦୁଇଟିଯାକ କେସ୍‌ର ଅନୁସନ୍ଧାନ କରୁଥିଲେ । ଆମ ଦ୍ୱାରା ରହସ୍ୟ ଉଦ୍‌ଘାଟନ ହୋଇଥିଲେ ହୋଇ ଥାଆନ୍ତା, ନ ହୋଇ-ଥିଲେ ନାହିଁ । ତୁ ଭଦ୍ରଲୋକଙ୍କୁ ଜବାବ ଦେଲୁ କାହିଁକି ?

—ହେଇତ ସାରିଲଣି । ଏଇକ୍ଷଣି ଆଉ ଫେରେଇ ଆଣିବାର ଉପାୟ ନାହିଁ । ଦୁଇଟି ଯାକ କାମ ଧର ଧର କରିବାକୁ ହେବ । ମୁଁ କଣ ଭାବୁଛି ଜାଣୁ ସାହାଣୀ ? ଦୁଇଟି ଯାକ ଘଟଣାର ଚେର ବୋଧ ହୁଏ ଗୋଟିଏ ଗଛରୁ ବାହାରିଛି ।

—ମୋର ମଧ୍ୟ ସେଇ ଧାରଣା ।

ମିଃ ମୁଖାର୍ଜୀ କବାଟ ଆଡ଼େଇ ଭିତରକୁ ପଶିଲେ ।

—ଆସନ୍ତୁ, ଆସନ୍ତୁ ମିଃ ମୁଖାର୍ଜୀ, କିଛି ନୂତନ ସମ୍ବାଦ ? ...

—ହଁ ପାଇଛି, ଲସ୍‌ର ପରିଚୟ ମିଳିଛି ।

ସିଏ ଗୋଟେ କାଗଜ ପକେଟରୁ ବାହାର କରି ଟେବଲ ଉପରେ ରଖିଲେ ।

ମିଃ ସାହାଣୀ ଓ ଯଦୁବାବୁ ଝୁଙ୍କି ପଡ଼ିଲେ ସେଇ କାଗଜ ଖଣ୍ଡିକ ଉପରେ ।

—ଅଠରକଣି—

ପଡ଼ା ଶେଷ ହେବା ବେଳକୁ ଦୁହିଁଙ୍କ ମୁହଁରେ ଫୁଟିଥିଲା ଅଜବ ଧରଣର ବନ୍ଧୁତା ।

—ଏ ତ ଗୋଟାଏ ଅଭିନବ ସର୍ତ୍ତର ଉଇଲ୍, ମିଃ ମୁଖାର୍ଜୀ !

—ହଁ, ନିଶ୍ଚୟ ଅଭିନବ ଧରଣର ।

—ଆପଣ ଏ ଖଣ୍ଡିକ ପାଇଲେ କେଉଁଠୁ ?

—ଲସ୍‌ର ମୋଜା ଭିତରୁ ।

ମାନେ ? ଆପଣ ତା' ହେଲେ କହିବାକୁ ଚାହାନ୍ତି ମିସ୍ ସୁନନ୍ଦା ଦାସଙ୍କର ବାପା ଅବସର ପ୍ରାପ୍ତ ହୋଇଥିବା ମାଜିଷ୍ଟ୍ରେଟ ସୌରେନ୍ଦ୍ର ବାବୁଙ୍କୁ ଖୁନ୍ କରାହୋଇଛି ?

—ମୁଁ ତ କହୁନାହିଁ, କହୁଛି ଏହି ଉଇଲ୍ ।

—ଉଇଲ୍‌ଟା କେଉଁଠି ଥିଲା ?

—ସୌରେନ୍ଦ୍ର ବାବୁ ଗୋଡ଼ରେ ଯେଉଁ ମୋଜା ପିନ୍ଧିଥିଲେ ତା' ଉପରେ ପିନ୍ଧିଥିଲେ ଗୋଟାଏ ମୋଟା ଧରଣର ମୋଜା । ସେହି ମୋଜା ଭିତରେ, ଅର୍ଥାତ୍ ଡାହାଣ ଗୋଡ଼ର ତଳପା ତଳେ ଉଇଲ ଖଣ୍ଡିକ ଗୁଡ଼ା ଗୁଡ଼ାଇଆ ହୋଇ ରଖା ଯାଇଥିଲା । ଡାକ୍ତର ପୋଷ୍ଟମର୍ଟମ୍ କଲାବେଳେ ଏ ଖଣ୍ଡିକ ପାଇ ସାଇତି ରଖିଥିଲେ ।

—ତା' ହେଲେ ବଡ଼ ଦୁଃଖର କଥା ମିଃ ମୁଖାର୍ଜୀ ! ସୌରେନ୍ଦ୍ର ବାବୁ ମୃତ । ପୁଣି ଉଇଲ ଖଣ୍ଡିକ ଏକ ଅଦ୍ଭୁତ ଧରଣର । ଏହା ଭିତରର ରହସ୍ୟ ତ କିଛି ବୁଝା ପଡ଼ୁନାହିଁ ।

—ରହସ୍ୟ ତ ଉଦ୍‌ଘାଟନ କରିବା ପାଇଁ ଦେଶର ଗୁଇନ୍ଦା ବିଭାଗ ଖୋଲା ଯାଇଛି । ଆସନ୍ତୁ ଦେଖିଲେ, ଉଇଲଟାରେ ସାକ୍ଷୀ କେଉଁମାନେ ପଡ଼ିଛନ୍ତି ।

—କେଦାର ସାହୁ—ଆଡ଼ଭୋକେଟ୍-ହାଇକୋର୍ଟ,

— ଅଣଚାଶ —

—ଆଉ ?

—ନା ଏଇ ଜଣକ ।

—ତାଙ୍କରି ପାଖକୁ ଗଲେ, ହୁଏ ତ ସେ ଉଇଲ୍‌ର ଗୁପ୍ତ ରହସ୍ୟ କହି ପାରିବେ ।

—ଆଉ ଗୋଟାଏ ଭାବିବାର କଥା ଯଦୁ । ସୌରେନ୍ଦ୍ର ବାବୁ ଏ ଉଇଲ୍‌ଟାକୁ ଜାଣିଁ କି ଯେ ଏତେ ଗୋପନରେ ପୁଣି ଏ-ତ ସତର୍କତା ଅବଲମ୍ବନ କରି ନେଇ ଯାଉଥିଲେ, ସେ ଦିଗକୁ ଟିକିଏ ମୁଣ୍ଡ ପୂରାଇଲୁ । ମନେ ହେଉଛି, ଏଇ ଉଇଲ ଷଣ୍ଡିକା ହସ୍ତଗତ କରିବା ପାଇଁ ଯେମିତି କେହି ଜଣେ ତାଙ୍କର ପିଛା ଧରିଥିଲା । ସେଇଥିପାଇଁ ସେ ଏପରି ସତର୍କତା ଅବଲମ୍ବନ କରିବା ପାଇଁ ବାଧ ହୋଇଥିଲେ । ଶେଷ ପର୍ଯ୍ୟନ୍ତ ତାଙ୍କର ଜିଦ୍ ରହିଲା ସତ୍ୟ ତଥାପି ତାଙ୍କୁ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ପଡ଼ିଲା ।

ଯଦୁବାବୁ ଭାବୁଥିଲେ ।

—କ'ଣ ଭାବୁଛୁ ଯଦୁ ?

—ନା, କିଛି ନୁହେଁ ଯେ, ତେବେ ଏ ସମ୍ବାଦଟା ସୁନନ୍ଦା ଦାସଙ୍କୁ ଶୁଣାଇ ଦେବା ଉଚିତ । ସେ ହୁଏତ ଏଇ ଉଇଲ ସମ୍ବନ୍ଧରେ କିଛି ଜାଣିଥିବେ ।

—ତା' ହେଲେ······

—ଚାଲନ୍ତୁ, ସୁନନ୍ଦା ଦାସଙ୍କ ଘରକୁ ଯିବା । ଯଦି ତାଙ୍କ ଠାରୁ ଏ ସମ୍ବନ୍ଧରେ କୌଣସି ତଥ୍ୟ ସଂଗ୍ରହ କରିପାରି ପାରେ ! ।

—ମୁଁ କ'ଣ ଭାବୁଛି ଜାଣୁ ଯଦୁ ? ମିସ୍ ସୁନନ୍ଦା ଦାସଙ୍କୁ ସୌରେନ୍ଦ୍ର ବାବୁଙ୍କ ମୃତ୍ୟୁ ସଂବାଦ ଜଣାଇବା ନାହିଁ । ହୁଏତ ସୁନନ୍ଦା ସେଥିରେ ଭାଙ୍ଗି ପଡ଼ିବ ।

— ଶେଷ —

ଯଦୁବାବୁ ହସିଲେ ।

—ତୁ ଗୋଟାଏ କଥା କର ସାହାଣୀ । ମିସ୍ ସୁନନ୍ଦା ଦାସଙ୍କୁ ରାଜି କରାଇ ନେଇ ଶୀଘ୍ର ବାହା ହୋଇପଡ । ତା' ହେଲେ ଏକ ବିରାଟ ସଂପତ୍ତିର ଅଧିକାରୀ ହୋଇ ବସିବୁ । ଅନ୍ତତଃ ହୌରେନ୍ଦ ବାବୁଙ୍କ ଉଇଲ ଅନୁଯାୟୀ ।

—ସେ ପାଗଳାମିର ବେଳ ଏ ନୁହେଁ ଯଦୁ । ମୁଣ୍ଡ ଉପରେ କେତେଗୋଟି ଦାୟିତ୍ୱ ବୁଝୁଛୁ ତ ?

—ବୁଝୁଛି ସାହାଣୀ, ସବୁ ବୁଝୁଛି । ତଥାପି ମନଟା କାହିଁକି ମୋଟେ ବୁଝୁନାହିଁ । ଯେମିତି ମନେ ହେଉଛି, ଏ ଘଟଣାର ଅସଲ ଖିଅ, ଆମେ ଏପର୍ଯ୍ୟନ୍ତ ଆବିଷ୍କାର କରି ପାରିନାହୁଁ । ଖାଲି ଉପର ପଟରେ ଭୂଆଁ ବସାଉ ବାଇ ହେଲା ପରି, ଆମେ ଧନ୍ଦି ହେଉଛୁ ।

—ତା' ହେଲେ ତୁ କଣ କହୁଛୁ ?

—କିଛି କହୁନାହିଁ ଯେ, ତେବେ ଓଡ଼ିଶା ମୁଲକକୁ ପେରିଯିବ, ସେଇ କଥା ଭାବୁଛି ।

—ରଖ ତୋ ପାଗଳାମୀ । ଯିବୁଟି ଗ୍ୟାରେଜରୁ ଗାଡ଼ିଟା ବାହାର କରିବୁ । ହାତରେ ଏଇନେ କେତେ କାମ ହିସାବ କରତ । ସୁନନ୍ଦା ଦାସ ଘରକୁ ଯିବା, ଆଟର୍ଣ୍ଣି ଘରକୁ ଯିବା । ପୁଣି ଟର୍ମିନାଲ ଷ୍ଟ୍ରୀଟ୍‌ରୁ 'ସଂକେତ କ୍ଲବ' ଖୋଜି ବାହାର କରିବା । ଏତେ ଦାୟିତ୍ୱ ମୁଣ୍ଡରେ ମୁଣ୍ଡେଇ ଚୁପ୍‌ଚାପ୍, ବସି ରହିବାଟା ଅଶୋଭନୀୟ ।

ଯଦୁବାବୁ ଅନମନା ହୋଇ ଓହ୍ଲେଇ ଗଲେ ତଳକୁ, ଗ୍ୟାରେଜରୁ ଗାଡ଼ି ବାହାର କରିବା ପାଇଁ । ମିଃ ସାହାଣୀ ସଯତ୍ନରେ ଉଇଲ ଖଣ୍ଡିକ ରଖିଲେ କୋଟ୍ ପକେଟରେ । ଭାବୁଥିଲେ ସେଇ

ଉଇଲ୍ କଥା । ଅଦ୍ଭୁତ ଉଇଲ୍ । ପୁଣି ପକେଟରୁ କାଢ଼ି ପଢ଼ିଲେ ଆଉ ଥରେ ।

"ମୋର ଝିଅ ସୁନନ୍ଦା ଦାସ ବିବାହ ନ ହେବା ପର୍ଯ୍ୟନ୍ତ ତାଂର ମୋ ସଂପତ୍ତିରେ କୌଣସି ଅଧିକାର ରହିବ ନାହିଁ । ବିବାହ କରି ଲେ ଉତ୍ତାରୁ ଝିଅ ଓ ଜ୍ୱାଇଁ ଦୁହେଁ ସଂପତ୍ତିର ସମାନ ଅଧିକାରୀ ହେବେ । ଇତ୍ୟାଦି ଇତ୍ୟାଦି ...

ମିଃ ସାହାଣୀ ମନେ ମନେ ହସି ଉଠିଲେ ।

ବୋଧହୁଏ ବୟସ ବଢ଼ିବା ସଙ୍ଗେ ସଂଗେ ମୁଣ୍ଡ ତାଙ୍କର ବିଗିଡ଼ି ଯାଇଥିଲା । ନତୁବା କାହାର ଷଡ଼ଯନ୍ତ୍ରରେ ପଡ଼ି ସେ ଏପରି ଉଇଲ କରିଦେଇ ଯାଇଛନ୍ତି ।

ମିଃ ମୁଖାର୍ଜି ପଚାରିଲେ,

—ଆପଣ ହସୁଛନ୍ତି ଯେ !

—ଏଇ ଉଇଲର ସର୍ତ୍ତ କଥା ଭାବି ।

ମଟର ହର୍ଣ୍ଣ ଶୁଭିଲା ତଳୁ । ଦୁହେଁ କ୍ଷିପ୍ର ଗତିରେ ଓହ୍ଲାଇଗଲେ ଦେଇ ଯାନ ଶ୍ରେଣୀ ଅତିକ୍ରମ କରି ।

ଦେବୁବାବୁ ମଟର ଷ୍ଟିଅରିଂ ବଦଳାଇଲେ ।

ପୁଣି ସୁନନ୍ଦା ଦାସଙ୍କ ଘର । ମାଣିକା କବାଟ ଫିଟେଇ ଦେଲା ।

—ସୁନନ୍ଦା ଦେବୀ ଘରେ ନାହାନ୍ତି ।

—କେଉଁ ଠାକୁ ଯାଇଛନ୍ତି ?

—ତାଙ୍କର ଜଣେ ବନ୍ଧୁ ଘରକୁ ।

—କେଉଁଠି ?

—ମୋତେ କହି ଯାଇ ନାହାନ୍ତି ।

—ଫେରିବେ କେତେ ବେଳକୁ ?

—ତା ମଧ୍ୟ ଜାଣେ ନା ।

ତା' ପରେ ଅଣ୍ଟିଷ୍ଟି କେଦାର ରାୟଙ୍କ ଘରକୁ । ଗୃହକର କବାଟ ଫିଟେଇ ଦେଲା ।

—ବାବୁ ନାହାନ୍ତି ।

—କେଉଁ ଠାକୁ ଯାଇଛନ୍ତି ?

—କହିଯାଇ ନାହାନ୍ତି ।

ଯଦୁବାବୁ ମଟରରୁ ଓହ୍ଲାଇଲେ । ଗୃହକରକୁ କହିଲେ —ବାବୁଙ୍କ ବୈଠକ ଖାନାକୁ ମୋତେ ନେଇ ଚାଲତ । ଗୃହକରଟି ବୋକାଙ୍କ ପରି ଅନାଇଲା । ତୁଣ୍ଡରେ ଭାଷା ନାହିଁ ।

—ଆରେ ଶୁଣୁନୁ କଣ ? ବାବୁଙ୍କ ବୈଠକ ଖାନାକୁ ନେଇ ଚାଲେ ।

—ବାବୁ ନାହାନ୍ତି ସାର ।

—ବାବୁ ନଥାନ୍ତୁ । ମୁଁ ଖାଲି ଖଣ୍ଡେ ଚିଠି ଲେଖିଦେଇ ଆସିବି । ଗୋଟାଏ ଜରୁରୀ ଦରକାର ଥିଲା । ଅସିଥିଲି ।

ଗୃହକର ଅଗେ ଆଗେ ଚାଲିଲା ।

ଗୋଟିଏ ଛୋଟିଆ ବଖରା । ଦୁଇଟି ଅଲମିରା । କେତେ ଖଣ୍ଡି ଶସ୍ତା ଦରର ଆଇନ ବହି । ଛୋଟ ଟେବୁଲ ଖଣ୍ଡେ । ଦୁଇ ଖଣ୍ଡି ଚେୟାର । ଟେବୁଲ ଉପରେ ଧୂଳି ଜମି ଯାଇଛି । କେଜାଣି

ଆଠଦିନ ହେବ ଝାଡ଼ା ହୋଇନି ବୋଧହୁଏ । ଟେବୁଲ ଦୁଇ ପାଖରେ ହାତ ଅଙ୍ଗୁଳିର ଛାପା ପଡ଼ିଛି । ସ୍ପଷ୍ଟ ଦିଶୁଛି । ଦୁଆତ ପାଖକୁ ଗୋଟାଏ ଲମ୍ବା ଗାର । ଯେମିତି ଗୋଟାଏ ଲମ୍ବା ପଦାର୍ଥ ସେଇ ମେଜ ଉପରୁ ସଦ୍ୟ ଉଠାଇ ନିଆଯାଇଛି । ଚାକରଟା ଆଉ ଘର ଅଡ଼କୁ ଚାଲି ଯାଇଥିଲା । ଯଦୁବାବୁ ପକେଟରୁ ଫିତା ଖଣ୍ଡେ କାଢ଼ି ଜାଗାଟାକୁ ମାପିଲେ । ଏକ ଫୁଟ ପାଞ୍ଚ ଇଞ୍ଚ । କାଳି ଦୁଆତଟା ଦେଖିଲେ । କାଳି ନାହିଁ । ଶୁଖି ଯାଇଛି । କିନ୍ତୁ ଟେବୁଲ ଉପରେ ଚାରୋଟି ହାତର ସଦ୍ୟ ଦାଗ । ଟେବୁଲର ଦୁଇ ପାଖରେ ଦୁଇ ଦୁଇ ଚାରୋଟି ହାତର କୋଡ଼ିଏଟି ଅଙ୍ଗୁଳିର ସ୍ପଷ୍ଟ ଦାଗ ଦିଶୁଛି । ଆଉ କେତୋଟି ଅନାବନା ଦାଗ ମଧ୍ୟ ପଡ଼ିଛି ଟେବୁଲ ଉପରେ ।

ଭାବିଲେ ମନେ ମନେ । ଏଠାରେ ବୋଧହୁଏ କେଦାରବାବୁ ସବୁ ସମୟରେ ବସା ଉଠା କରନ୍ତି ନାହିଁ । କିମ୍ବା ସେ ପ୍ରଥମେ ପ୍ରଥମେ କାମ ଆରମ୍ଭ କଲାବେଳେ ଏଇ ବୈଠକ ଖାନାଟି କରିଥିଲେ । ଏବେ ହୁଏତ ଅନ୍ୟ କେଉଁ ଘରଟାକୁ ବୈଠକଖାନା କରିଛନ୍ତି । ବୋଧହୁଏ ଚାକର ସେଠାକୁ ନେବାପାଇଁ ଭୟ କରୁଛି ।

ଚାଲି ଆସୁଥିଲେ । ପୁଣି ଲେଉଟିଲେ । ଚାରୋଟି ହାତର କୋଡ଼ିଏଟି ଆଙ୍ଗୁଳିର ସ୍ପଷ୍ଟ ଦାଗ ତାଙ୍କ ଆଖିରେ ଆଉ ଥରେ ଜଳି ଉଠିଲା । ମନ ଭିତରଟା କେମିତି ଘାଣ୍ଟି ଗୋଳେଇ ହେଲା । କାହାର ଏ ଅଙ୍ଗୁଳି ଚିହ୍ନ ? ଦଶଟା ନିଶ୍ଚୟ କେଦାର ବାବୁଙ୍କର । କିନ୍ତୁ ଆଉ ଦଶଟା ହୁଏ ତ ତାଙ୍କର ହୋଇଥିବ । ଟେବୁଲର ଏପାଖରୁ ସେପାଖକୁ ଯିବା ତାଙ୍କ ପକ୍ଷରେ ଅସମ୍ଭବ ନୁହେଁ । ଆଉ ଥରେ ଅଗେଇ ଗଲେ ଟେବୁଲ ପାଖକୁ । ନା—ଏ ଜଣକର ହାତ

ଅଙ୍ଗୁଳିର ଶବ୍ଦ ନୁହେଁ । ଏପାଖ ଆଙ୍ଗୁଳି ସାଙ୍ଗରେ ସେପାଖ ଅଙ୍ଗୁଳିର ଅମେଳତା ସଫା ବାରି ହୋଇ ପଡ଼ୁଛି ।

ମିଃ ସାହାଣୀ ଧୀରେ ଧୀରେ ପଶି ଆସୁଥିଲେ ଘର ଭିତରକୁ ।

—କରେ, ଶୂନ୍ୟ ଘରଟାରେ କ'ଣ କରୁଛୁ ଏତେବେଳ ହାଏ ?

—ଆଚ୍ଛା ସାହାଣୀ ! ମଟରରେ ଆମ କ୍ୟାମେରାଟା ଥିଲା, ଅଛି ନା ?

—ଅଛି ।

—ଲୋଡ଼େଡ଼୍ ଅବସ୍ଥାରେ ?

—ହଁ ।

—ଟିକିଏ ଆଣ ।

—ଯଦୁବାବୁ ଚାରେଟିଯାକ ହାତର ଫଟୋ ଉଠାଇଆଣିଲେ । ଏପଟକ ସେ ଲମ୍ବା ଗାରଟିର ମଧ୍ୟ ।

କେଦାର ବାବୁଙ୍କ ଚାକର ଆସିଲା ।

—କ'ଣ, କାମ ସରିଲା ଆଜ୍ଞା ?

ଯଦୁବାବୁ ପକେଟରୁ କାଗଜ ଖଣ୍ଡେ ବାହାର କରୁ କରୁ ପୁଣି ରଖିଦେଲେ । ଅଚ୍ଛା ଥାଉ । ଶଠିଟା ଦେଇ ଲାଭ ନାହିଁ କିଛି । ନାଜେ ମୁଁ ସନ୍ଧ୍ୟାବେଳକୁ ଆସିବି ।

—ଆପଣଙ୍କ ନାଁ ?

—କିଛି ଦରକାର ନାହିଁ । ସନ୍ଧ୍ୟାବେଳକୁ ଆସିଲେ ଦେଖା-ହେବ ତ ?

—ହଁ ।

ତା'ପରେ ଧର୍ମତାଲ୍ଲା ଷ୍ଟ୍ରୀଟ୍ ! 'ସଂକେତ କ୍ଲବ୍' କେଉଁଠି ? ବେଶୀ ଖୋଜିବାକୁ ପଡ଼ିଲା ନାହିଁ । ବଡ଼ ବଡ଼ ଅକ୍ଷରରେ ଲେଖା ସାଇନବୋର୍ଡ଼ । ଆଦର୍ଶ ଧରଣର ରେଷ୍ଟୁରାଣ୍ଟ । ରହିବା, ଖାଇବା ଓ ଖେଳିବା ସବୁ ପ୍ରକାରର ବନ୍ଦୋବସ୍ତ ଅଛି ।

ମିଃ ମୁଖାର୍ଜୀ ବାହାରୁ ଓହ୍ଲାଇ ଯାଇଥିଲେ, ଫଟୋ ଗୁଡ଼ିକ ପ୍ରିଣ୍ଟ୍ କରିବା ପାଇଁ । 'ସଂକେତ କ୍ଲବ' ଭିତରକୁ ପଶିଲେ ମିଃ ସାହଣୀ ଓ ଯଦୁବାବୁ । ଲେଡ଼ି ମାନେଜର ଅଭିବାଦନ ଜଣାଇଲେ ।

—ଆପଣଙ୍କ ପାଇଁ ମୁଁ କ'ଣ କରିପାରେ ?

—ବିଶେଷ କିଛି ନୁହେଁ । ଦିନେ ଦି' ଦିନ ରହିବା ପାଇଁ ଗୋଟିଏ ରୁମ୍ । ସିଙ୍ଗଲ୍ ସିଟେଡ୍ ହେଲେ ବି ଦି' ଜଣଙ୍କର ଚଳିବ ।

—ନା—ନା, ରୁମ୍ ଖାଲି ଅଛି, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କର ଜିନିଷ ପତ୍ର ?

—ଜଣେ ବନ୍ଧୁଙ୍କ ଘରେ ରଖି ଆସିଛୁ । ସଂଧ୍ୟା ପୂର୍ବରୁ ଘେନି ଆସିବୁ ।

ଯଦୁବାବୁ ଚା ଜଳଖିଆ ମାଗିଲେ ବୟକୁ । ମାନେଜର ଚାଲିଗଲେ ଆପଣା ସିଟ୍‌କୁ । ବୟ ଚା' ଆଣିଲା । ଜଳଖିଆ ଆଣିଲା । ବିଲ୍ ହେଲା ଟ ୨୫ ।

ଯଦୁବାବୁ ଟ ୫୦ ର ନୋଟ୍ ଖଣ୍ଡେ ଦେଲେ । ବୟ ଅବଶିଷ୍ଟ ପଇସା ଫେରାଇ ଆଣିଲା । ଯଦୁବାବୁ ଆଉ ନେଲେ ନାହିଁ । ବୟର ଦିଲ୍‌ଖୁସ୍ । ଠାଣୁଆ ସଲାମ ଟାଏ ପକାଇଲା । ଯଦୁବାବୁ ହସିଲେ । କହିଲେ-ଟାକ୍ସିଟାଏ ଡାକ ଦେବା ପାଇଁ ।

ବସ୍ତୁ ଆଗେଇ ଗଲା । ଯଦୁବାବୁ ଉଠିଲେ ତା ପଛେ ପଛେ । ମିଃ ସାହାଣୀ ମଧ୍ୟ ଚେୟାର ଛାଡ଼ି ଉଠିଲେ ସଙ୍ଗେ ସଙ୍ଗେ । ରାସ୍ତାରେ ଯଦୁବାବୁ ଡାକିଲେ ବସ୍ତୁକୁ ପାଖକୁ ।

—ତୁମେ କହି ପାରିବ, ଏହି ସଂକେତ କ୍ଳବର ମାଲିକ କିଏ ?

—ତିନଜଣ ଆଜ୍ଞା ।

—ସେମାନଙ୍କର ନାମ ଜାଣ ?

—ଖାଲି ଜଣକର ଜାଣେ ।

—କାହାର ?

—ସଂଧ୍ୟା ରାଣୀଙ୍କର ।

—କେବେ ସେମାନେ ଏଠାକୁ ଆସନ୍ତି ?

—ମୁଁ ଦି' ବରଷ ହେଲା ରହିଲିଣି । କେବେ ଆସିବାର ଦେଖି ନାହିଁ ।

—କ୍ଳବ ହେଲାଣି କେଇ ବରଷ ହେଲା ?

—ତିନି ବରଷ ଚାଲିଛି ଆଜ୍ଞା ।

—ଏ ଯେଉଁ ଲେଡି ମାନେଜର, ୟାଙ୍କ ନାଁ କଣ ?

—ମିସ୍ ପିଃ କେକର୍ ।

—ୟାଙ୍କୁ ଇଣ୍ଡିଆନ ବୋଧହୁଏ ?

—ନା, ଇହୁଦୀ ।

—ଅଚ୍ଛା ତୁମେ ଯାଅ । ଅମେ ଟାକ୍‌ସିରେ ଚାଲିଯିବୁ । ଟାକ୍‌ସି ଛିଡ଼ାହୋଇ ଅଛି ଫୁଟ୍‌ପାଥ ପାଖରେ ।

ପୁଣି ପ୍ରିନସେସ ହୋଟେଲ ।

—ବସ୍ତୁ, ଟି' ଲେଆଓ ।

—ଘଣ୍ଟାଏ ବେଳୁ ବେଲ ବଜେଇ ଆସୁଛି, ନାଁରେ ଯଦୁ ?

—ତୁ କଣ ଭାବୁଛୁ କେଜାଣି ସାହାଣୀ ! ମୁଁ ଭାଇ ସ୍ୱା'ର ଥଳ କୂଳ କରୁଛୁ ପାଉ ନାହିଁ । ଖାଲି ଗୋଟାଏ ଉତ୍ତେଜନାରେ କାମ କରି ଯାଉଛୁ ସିନା ।

—ମୁଁ ତ ଏ କେସରେ ପାଦେ ବଢ଼ୁ ନାହିଁ ଆଗକୁ, କେବଳ ଛଟେ ଲକ୍ଷ୍ୟ କରୁଛୁ, ଆଜି ତୋର କାର୍ଯ୍ୟ କଳାପକୁ ।

—ମାନେ ?

—ତୁ ଠିକ୍ ବାଟରେ ଆଗଉଛୁ କି ନାହିଁ ।

ଯଦୁବାବୁ ହସିଲେ । ବସ୍ତୁ ଗୁ ଦେଇଗଲା ।

—ଶୁଣୁ ଛ ।

—ଆଜ୍ଞା ।

—ଏ ହୋଟେଲର ମାଲିକ କିଏ ?

—ଜାଣି ନାହିଁ ଆଜ୍ଞା । ଶୁଣିଚି କେଇଜଣ ଭାଗ ହୋଇ ହୋଟେଲ କରିଛନ୍ତି ।

—କେଇ ଜଣ ?

—ତା' ବି ଜାଣେନା ।

—ଜଣେ କାହାର ନାମ ଜାଣି ନାହୁଁ ?

—ତପନ ଦାସଗୁପ୍ତ ବୋଲି ଜଣକୁ ଜାଣେ ।

—ସେ କେଉଁଠି ଥାଆନ୍ତି ?

—ଜାଣେ ନାହିଁ ।

—କେବେ ଆସନ୍ତି ଏଠାକୁ ?

ବେଳେ ବେଳେ । ଖୁବ୍ ଦରକାର ନ ପଡ଼ିଲେ ଆସନ୍ତି ନାହିଁ ।

—ତୁ କେବେ ଦେଖିଛୁ ତାଙ୍କୁ ?

—ନାହିଁ ଆଜ୍ଞା ।

—ଏଇତ କହିଲି । ଖୁବ୍ ଦରକାର ନ ପଡ଼ିଲେ ଆସନ୍ତି ନା ।

—ଆସନ୍ତି ଯେ ଆମେ କେହି ତାଙ୍କୁ ଦେଖିବାକୁ ପାଉ ନା ।

ମିସ୍ ସୁନନ୍ଦା ରାୟ ଫେରି ଆସୁଥିଲେ । ଯଦୁବାବୁ ମଟର ନେଇ ଭେଟିଲେ ବସା ଦୁଆରେ ।

—ଏଇ ଯେ ସୁନନ୍ଦା ଦେବୀ । ଆପଣ କେତେବେଳେ ଆସିଥିଲେ ?

—ପ୍ରାୟ ପନ୍ଦର ମିନଟ୍ ହେବ । ଅପେକ୍ଷା କରିଥିଲି ଆପଣଙ୍କ ଶୁଭାଗମନରେ । ଶୁଣିଲି ଆପଣ କୁଆଡ଼େ ଆମ ଘରକୁ ଯାଇ ଫେରି ଆସିଛନ୍ତି । ଭାବିଲି ହୁଏତ ବିଶେଷ କିଛି ଦରକାରରେ ଯାଇଥିଲେ । ସେଇଥି ପାଇଁ ସଙ୍ଗେ ସଙ୍ଗେ ଛୁଟି ଆସିଲି ଆପଣଙ୍କ ବସାକୁ । ମିଃ ପାଢ଼ୀଣୀ କାହାନ୍ତି କି ?

—ସେ ବାଟରେ ରହିଗଲେ । କେତେକ ଜିନିଷ ପତ୍ର କ'ଣ ଖରିଦ କରିବାର ଥିଲା । ସେ ଅଧଘଣ୍ଟା ଭିତରେ ଆସି ଯିବେ ନିଶ୍ଚୟ । ଭିତରକୁ ଆସନ୍ତୁ ।

—ଆଉ ବାପାଙ୍କ ସମ୍ବନ୍ଧରେ କ'ଣ ଖବର ପାଇଲେ ?

—ସେପରି କିଛି ଆଶାନୁରୂପ ନୁହେଁ ।

—ମୁଁ କିନ୍ତୁ ପାଇଛି ।

— ଆଉଣ ପାଇଛନ୍ତ ?

ଯଦୁବାବୁ ବିସ୍ମୟ ବିସ୍ତାରିତ ନୟନରେ ଗୁହିଁ ରହିଲେ ।

— ପାଇଛୁ ।

— କ'ଣ ?

— ଚିଠି ।

ମିସ୍ ସୁନନ୍ଦା ଦାସ ଚିଠି ଖଣ୍ଡିକ ବଢ଼ାଇ ଦେଲେ ଯ
ବାବୁଙ୍କ ହାତକୁ । ଯଦୁବାବୁ ପଢ଼ିଲେ ।

ପାଟଣା

କଲ୍ୟାଣୀୟା ମା ମୋର !

ତୁ ଖୁବ୍ ଚିନ୍ତିତ ଥିବୁ ବୋଧହୁଏ । ତତେ ନ କହି ନ ବୋ
ମୁଁ ଚାଲି ଆସିଛି ପାଟଣା । ଗୋଟାଏ ଜରୁରୀ ଦରକାର ପଡ଼ିଲା । ଷ୍
ଫେରି ଯାଇ ତୋତେ କହି ଆସିବାକୁ ବେଳ ନ ଥିଲା ହାତରେ
କିଛି ଭାବିବୁ ନାହିଁ । ବୁଢ଼ା ବାପା ତୋର ଭଲରେ ଅଛି । କାମ ସ
ସରୁ ଅନ୍ତତଃ ପନ୍ଦର ଦିନ ଲାଗି ଯାଇପାରେ । ତୁ ବ
ହେବୁ ନାହିଁ । ଅଳ୍ପ ବ୍ୟସ୍ତ ଅଛି ପରେ ଚିଠି ଦେବି ।

ତୋର ଶୁଭାକାଂକ୍ଷୀ

ବାପା ।

ଯଦୁବାବୁ ପଢ଼ିଲେ ଦି ଥର ତିନିଥର ପଢ଼ିଲେ ଚିଠି ଖଣ୍ଡି
ସବୁ ତାଙ୍କର ମନେ ହେଲା ଭେଲକିବାଜି ପରି । ମୂଳ ହେଉ
ଏ ରହସ୍ୟର ! କେଇ ଘଣ୍ଟା ଆଗରୁ ପ୍ରସିଡେଣ୍ଟ ବାବୁଙ୍କ ମୃତ୍ୟୁ ସମ୍
ମିଳିଛି ମିଃ ମୁଖାର୍ଜୀଙ୍କ ଠାରୁ । ପ୍ରମାଣ ମିଳିଛି ପୁଣି ଜଙ୍ଗଲରୁ । ଅ
କେଇ ଘଣ୍ଟା ପରେ ସବୁ ଅଦଳ ବଦଳ ହୋଇଯାଇଛି ।

ଯଦୁ ବାବୁଙ୍କ ମୁଣ୍ଡ ଚିନ୍ତା ଭାରରେ ନଇଁ ପଡ଼ୁଥିଲା । ମିସ୍ ନନ୍ଦା ଦାସଙ୍କ ମୁହଁରେ ବିଷାଦଛାୟା ବଦଳରେ ଫୁଟି ଉଠୁଥିଲା ରସତା ।

—ଅଚ୍ଛା ସୁନନ୍ଦା ଦେବୀ । ଆପଣ ପ୍ରତାରିତ ହୋଇ ାନ୍ତି ତ ?

—ମାନେ ?

—ଆପଣ ଠିକ୍ ଜାଣନ୍ତି ଏଇଟା ଆପଣଙ୍କ ବାପାଙ୍କ ହାତଲେଖା ଠି ?

—ବାଃ । ଆପଣତ ବେଶ୍ ଲୋକ ଦେଖୁଛି । ମୋ ବାପାଙ୍କ ସ୍ୱାକ୍ଷର ମୁଁ ଚିହ୍ନି ନାହିଁ ନା ।

—ଯା ହେଉ ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ ।

ଯଦୁ ବାବୁଙ୍କ ନାକରୁ ବାହାରି ଆସିଲା ଏକ ଦୀର୍ଘଶ୍ୱାସ । ସ୍ ଟେବୁଲ ଉପରେ ମୁଣ୍ଡ ରଖି କେବଳ ଚିନ୍ତା କରି ଚାଲିଥିଲେ । ଣେ ଏ ସବୁର ଅର୍ଥ ହୋଇପାରେ ?

ମିସ୍ ସୁନନ୍ଦା ଦାସ ସଜ ହେଲେ ଯିବା ପାଇଁ । ଯଦୁ ବାବୁ ଠାଇଁ କଳାରୋଲରଟା କାଲି ଦେଇ ଆସିଥିଲେ ସୁନନ୍ଦା ଦାସଙ୍କ ବ୍ଲୁ ହେଇ ରୋଲରଟା ଥୁଆ ହୋଇଥିଲା ଆଗରେ, ଟେବୁଲ ଉପରେ । ସୁନନ୍ଦା ଦାସ ଆନମନା ହୋଇ ଧରିଲେ ସେଇଟିକୁ ।

—ମୁଁ ଯାଉଛି ଯଦୁବାବୁ । ମିଃ ସାହାଣୀ ଆସିଲେ ତାଙ୍କୁ ଙ୍ଗରେ ଧରି ଗୁଡ଼େଟା ବେଳକୁ ଆମ ଘରକୁ ଯିବେ । କି ପାର୍ଟିର ନାଏ ଗୁଜବ ।

ମିସ୍ ସୁନନ୍ଦା ଦାସ ଧୀରେ ଧୀରେ ଉଠିଲେ ଚେଅରରୁ । ର ରହସ୍ୟଟା ଯେମିତି ଗାଢ଼ିକ ଅନ୍ଧୋଳିତ ହେଉଥିଲା ।

ଯଦୁବାବୁ ସ୍ୱପ୍ନରୁ ଉଠିଲେ ସତେ କି !

—ସୁନନ୍ଦା ଦେବୀ ! ଦୟାକରି ସେ ରୋଲରଟା ରଖି ଦେଇ ଯାଆନ୍ତୁ ତ ! କେତେ ଗୁଡ଼ାଏ ଖାତାରେ ରୁଲ ପକାଇବାର ଅଛି !

ସୁନନ୍ଦା ଦେବୀ ଲଜ୍ଜାରେ ସଢ଼ିଗଲେ !

—ଓଃ ! ହଁ, ଆପଣଙ୍କ ରୋଲରଟା ଭୁଲରେ ହାତରେ ଧରି ନେଇ ଯାଉଥିଲି କ୍ଷମା କରିବେ ।

ସୁନନ୍ଦା ଦେବୀ ରଖି ଦେଲେ ରୋଲରଟା ପୁଣି ଯଥା ସ୍ଥାନରେ ।

—କିନ୍ତୁ ହଁ, ଯେମିତି ଟିପାର୍ଟିକୁ ଯିବାପାଇଁ ନ ଭୁଲନ୍ତୁ ।

—ଖାଇବା ପିଇବା କଥାରେ ଅଜକାଲି ଆଉ ଭୁଲିବାର ଅଛି ନା, ସୁନନ୍ଦା ଦେବୀ ! ମନେ ରହିବ, ଠିକ୍ ଚାରିଟା ବେଳକୁ ଯାଇ ଆପଣଙ୍କ ଦୁଆରେ ମଟର ଭିଡ଼ାଇବୁ !

ସୁନନ୍ଦା ଦେବୀ ହସି ଦେଇ ଚାଲିଗଲେ । ଯଦୁବାବୁ ହସି ଆସୁଥିଲେ ଟିକିଏ, ପୁଣି କାହିଁକି ଆପଣା ଛାଏଁ ବନ୍ଦ ହୋଇଗଲା ସେ ହସ ତାଙ୍କର ।

କରେ ଯଦୁ ! ଖୁବ୍ ଚିନ୍ତିତ ଯେ, କାରଣ କ'ଣ ?

ଟିପି ଯୋଡ଼ାଏ ପୋପାଡ଼ ଦେଇ ଯଦୁ ବାବୁଙ୍କ ଉପରକୁ ମିଃ ସାହାଣୀ ହସିଲେ ।

—ତୁ କିଛି ଶୁଣିଛୁ ସାହାଣୀ ?

—କୋଉ କଥା ?

—ମିସ୍ ସୁନନ୍ଦା ଦାସ ସମ୍ବନ୍ଧରେ ।

—ନାହିଁ ତ ! ସେ କ'ଣ ହରଣଚାଲ ହେଲେଣି କିରେ ।

—ନା ରେ ନା ! ତା ବାପା ଜୀବନ୍ତ ଏବଂ ଅକ୍ଷତ ଅବସ୍ଥାରେ ପାଟଣାର ଅବସ୍ଥାନ କରୁଛନ୍ତି ।

—ତୁ କମିତ ଖବର ପାଇଲୁ ?

ଯଦୁ ବାବୁ ଚଠି ଖଣ୍ଡିକ ବଢାଇ ଦେଲେ ମିଃ ସାହାଣୀଙ୍କ ହାତକୁ ।

ଚଠିଟା ଯେ ଜାଲ ନୁହେଁ ତାର ପ୍ରମାଣ କ'ଣ ?

—ତା'ର ପ୍ରମାଣ ମିସ୍ ସୁନନ୍ଦା ଦାସ । ସେ କୁହେ ଯେ ଏ ତାର ବାପାଙ୍କ ହସ୍ତାକ୍ଷର । ସେ ବେଶ୍ ଚହ୍ନି ପାରୁଛି ।

ମିଃ ସାହାଣୀ ଚନ୍ତ୍ରିତ ହୋଇ ପଡଲେ । ତେବେ ଏଇ ଢଇଲଟା କାହାର ? ଲସଟା କାହାର ? ପୁଣି ଯେ ଅନ୍ଧାର ଘୋଟି ଆସିଲା ଗୁର ଦଗରୁ ।

ମିଃ ମୁଖାର୍ଜୀ ଆସି ପହଞ୍ଚଲେ । ନେଗେଟିଭ୍ ଗୁଡକ ପ୍ରିଣ୍ଟ କର ଅଣିଛି । ଯଦୁବାବୁ ତାଙ୍କ ହାତରୁ ଟାଣିନେଲେ ସେ ଗୁଡ଼କ । ସ୍ଲେଟ୍ ହାତର କୋଡ଼ିଏଟି ଆଙ୍ଗୁଳା ରହିଛି ଏଇ ଦୁଇଖଣ୍ଡି ଫଟୋରେ । ଆଉ ଖଣ୍ଡିକ ଗୋଟାଏ ଲମ୍ବା ଗାର । କ'ଣ ହୋଇପାରେ ସେ ଗାରଟା ? କ ପଦାର୍ଥ ଥିଲା ସେଠାରେ ?

ହଠାତ୍ ଯଦୁବାବୁଙ୍କ ନଜର ପଡ଼ିଲା ସାମନା ସ୍କେଲରଟା ଉପରେ । ସେ ଚତ୍କାର କର ଉଠିଲେ । ଠିକ୍ ଠିକ୍, ଏଇ ଭଳି ସ୍କେଲରଟାଏ ହୁଏ ତ ଥିଲା ସେ ଟେବୁଲ ଉପରେ । ସେଇଥିପାଇଁ ଲମ୍ବା ଗାରଟାଏ ଦଶୁଛି ।

ଯଦୁବାବୁ ଫିତାଟାଏ ବାହାର କର ସ୍କେଲରଟାକୁ ମାପିଲେ । ଫୁଟେ ପାଞ୍ଚ ଇଞ୍ଚ । ତାଙ୍କ ମନରେ ଟିକଏ ଖଟକା ଲାଗିଲା । ସେ ଆଟର୍ଣ୍ଣିଙ୍କ ଘରେ ମାପିଥିଲେ ଲମ୍ବା ଗାରଟିକୁ । ସେଟା ମଧ୍ୟ

ହୋଇଥିଲା ଫୁଟେ ପାଞ୍ଚ ଇଞ୍ଚ । ତେବେ କ'ଣ ସେଇ ରୋଲରଟା ହେଠରୁ ଏଠାକୁ ଆସିଛି ? ଆର୍ଟିଷ୍ଟଙ୍କର କଣ ମିସ୍ ସୁନନ୍ଦା ଦାସଙ୍କ ଘରକୁ ଅବାଧ ଗତି ଅଛି ? ହୁଏ ତ ସେ ସେଦିନ ରାତିରେ ମିସ୍ ସୁନନ୍ଦା ଦାସଙ୍କ ଘରକୁ ଆସିଥିଲେ । ହାତରେ ଧରି ଆସିଥିଲେ ରୋଲରଟିକୁ । ଗଳ୍ପ ବେଳକୁ ଭୁଲିରେ ଛାଡ଼ି ଯାଇଛନ୍ତି । ତା ଛଡ଼ା ସୁନନ୍ଦା ଅଜା ସେହି ରୋଲରଟିକୁ ହାତରେ ଧରି ନେଇ ଯାଇଥିଲା କାହିଁକି ? ଭୁଲର ବାହାନା କରି ହୁଣି ..........

—ଜାଣିଲ ଯଦୁ ?

ଯଦୁବାବୁଙ୍କ ଭାବନାରେ ବାଧା ଦେଲା ।

—ଯୁଁ । ପଛଆଡ଼େ ନିଶ୍ଚୟ କିଛି ଗୁପ୍ତ ରହସ୍ୟ ଲୁଚି ରହିଛି । ମିଃ ମୁଖର୍ଜୀ କିଛି ବୁଝି ପାରୁ ନ ଥିଲେ ।

—ତୁ କ'ଣ ଭାବୁଛୁ ଯଦୁ ? ସୁନନ୍ଦାର ବାପା ବଂଚଛନ୍ତି ବେଲ ଚୋର ବିଶ୍ୱାସ ?

—ତା ହେଲେ ଉଇଲଟା କ'ଣ ଜାଲ, ଆଉ ଦୁରାଚାରଣା ?

—ମୁଁ ବି ଦୋଧାଇରେ ପଡ଼ି ଯାଇଛି ଯଦୁ; କିନ୍ତୁ ଗୋଟାଏ ସ୍ଥିର ନିଷ୍ପତ୍ତି କରି ପାରୁନାହିଁ । ଏତେ ଦୂର ଅଗେଇ ଆସିବା ପରେ ଆଜି ଦେଖୁଛି ଯେମିତି ଆମେ ଏତେଦିନ ମରୀଚିକା ପଛରେ ଧାଇଁ ବୁଲୁଛେ । ସବୁ ବ୍ୟର୍ଥ ହୋଇଛି ।

ଯଦୁବାବୁ ଚାହିଁକି ଚଡ଼ିଲେ ।

—ନା ସାହାଣୀ । କିଛି ନା କିଛି ରହସ୍ୟ ଅଛି ଏଇ ଘଟଣା ପଛରେ । କାହାର ଅଦୃଶ୍ୟ ହାତ କାମ କରୁଛି ଅନ୍ତରାଳ । ତା ନ ହୋଇଥିଲେ ସୌରେନ୍ଦ୍ର ବାବୁଙ୍କ ଟ୍ରେଜେରୀ ଲୁଟ୍, ତାଙ୍କ ହାତ ତିଆରି ଉଇଲ, ତାଙ୍କ ଘରର ମଳ ଅଲେକ, ତାଙ୍କ ବଗିଚାରେ ଲୁସୀ ମୂର୍ତ୍ତିର ଅନ୍ତର୍ଦ୍ଧାନ, ତାଙ୍କ ଘରେ ଆର୍ଟିଷ୍ଟ କେଦାର ରାୟ,

ଏ ସବୁ କ'ଣ ? ଏ ସବୁ କାହିଁକି ? ଯାହାର ଉତ୍ତର ମତେ ଦେ
ପାରନ୍ତି ସାହାଣୀ ?

—ବହୁଶ ସୁନନ୍ଦା ପରୁଶତ ହୋଇଛି ।

ଯଦୁବାବୁ ସେଇ ହାତ ଗୁରିଟାର ଫଟୋଗ୍ରାଫ ଦେଖୁଥିଲେ ଏଥିରୁ ଦୁଇଟି ହାତ ନିଶ୍ଚୟ ଅଣ୍ଟିଙ୍କର, ଆଉ ଯୋଡ଼ିକ କାହାର ଛୋଟ ଛୋଟ ଅଙ୍ଗୁଳି ଦିଶୁଛି । ପୁଣି ବାଁ ହାତର କୃଶ ଅଙ୍ଗୁଳିରେ ଗୋଟିଏ ମୁଦି ଥିଲା ପରି ମନେ ହେଉଛି । ଡାହାଣ ହାତର କା ଅଙ୍ଗୁଳିଟି ଅପେକ୍ଷାକୃତ ଛୋଟ । କାହାର ଏଇ ସୁନ୍ଦର ଅଙ୍ଗୁଳିଗୁଡ଼ିକ ? ସ୍ତ୍ରୀ ହାତର, ନା ପୁରୁଷ ହାତର ? ଚିନ୍ତା ସବୁ ଗୋଳମାଳିଆ ହୋଇଗଲା ।

ଘଡ଼ିରେ ଘଣ୍ଟା ବାଜୁଛି । ଠନ୍—ଠନ୍—ଠନ୍—ଠନ୍— ଯଦୁବାବୁ ଚଞ୍ଚଳ ହୋଇ ପଡ଼ିଲେ । ସୁନନ୍ଦା ଯେ ନିମନ୍ତ୍ରଣରେ ଯାଇଛି ଘଣ୍ଟା ବେଳକୁ ।

— ସାହାଣୀ ! ସୁନନ୍ଦା ଘରକୁ ଯିବାକୁ ହେବ ।

— କାରଣ ?

— ସେ ନିମନ୍ତ୍ରଣ କରିଯାଇଛି ଟିପଟିଙ୍କୁ ।

— ଆସିଥିଲା ?

— ହିଁ ।

ମିଃ ସାହାଣୀ ଓ ଯଦୁବାବୁ ମିସ୍ ସୁନନ୍ଦା ଦାସଙ୍କ ଘରେ ପହଞ୍ଚିଲା ବେଳକୁ ସାଢ଼େ ଚାରିଟା ବାଜି ଯାଇଥିଲା । ସୁନନ୍ଦା ବସି-ଥିଲା ତାଙ୍କର ଅପେକ୍ଷାରେ । ଆନନ୍ଦରେ କୁରୁଳି ଉଠିଲା ସତେକି ।

—ଆସନ୍ତୁ ଯଦୁବାବୁ ! ଆସନ୍ତୁ ମିଃ ସାହାଣୀ ! ଭାବୁଥିଲି ଆପଣମାନେ ଆଜି ଆସିବେ ନାହିଁ ବୋଧହୁଏ । ମନଟା ବେଳକୁ ବେଳ ମରି ଯାଉଥିଲା ।

—ଏ ଖାଦ୍ୟ ଅନାଟନ ଯୁଗରେ ନିମନ୍ତ୍ରଣକୁ ଏଡ଼ି ଦେବାର ଅଛି ନା ସୁନନ୍ଦା ଦେବୀ ? ତେବେ ଆସୁ ଆସୁ ଅବଶ୍ୟ ଟିକିଏ ଡେରି ହୋଇ ଯାଇଛି ।

ମାଣକା ନାନା ପ୍ରକାର ଖାଦ୍ୟ ସରଞ୍ଜାମ ପହଞ୍ଚାଇଲା ଆଣି । ଖାଇଲେ ତିନିଜଣ, ସୁନନ୍ଦା ଦେବୀ, ଯଦୁବାବୁ ଓ ମିଃ ସାହାଣୀ ।

ଯଦୁବାବୁ ପଚାରିଲେ ।

—ଏ ଟି ପାର୍ଟିର ଉଦ୍ଦେଶ୍ୟ ?

ସୁନନ୍ଦା ଦାସ ମିଃ ସାହାଣୀଙ୍କ ଆଡ଼େ କଟେଇ ଚାହିଁ ମୁରୁକି ହସି କହିଲେ—

—ଉଦ୍ଦେଶ୍ୟ ଆଉ କ'ଣ ଥାଇ ପାରେ ମିଃ ସାହାଣୀ ? ଆପଣ-ମାନେ ମୋର ବନ୍ଧୁ । ଅସମୟରେ ମୋତେ ପ୍ରାଣପାତ କରି ସାହାଯ୍ୟ କରିଛନ୍ତି । ମୋର କ'ଣ କର୍ତ୍ତବ୍ୟ ନୁହେଁ ......

—ଓଃ ବୁଝିଲି । ଆଚ୍ଛା ସୁନନ୍ଦା ଦେବୀ, ଆପଣ କେଦାର ରାୟଙ୍କୁ ଚିହ୍ନନ୍ତି ?

ସୁନନ୍ଦାର ହସନ୍ତା ମୁହଁ ମଉଳି ପଡ଼ିଲା ।

—କେଦାର ରାୟ ? କିଏ ସେ ?

—ଆର୍ଟିଷ୍ଟ କେଦାର ରାୟ । ଆପଣଙ୍କ ବାପାଙ୍କର ଘନିଷ୍ଠ ସମ୍ପର୍କୀୟ ।

ଗମ୍ଭୀର ହୋଇ ଯାଉଥିଲେ ସୁନନ୍ଦା ଦେବୀ । ମନେ ପକାଉ ଥିଲେ ଯେମିତି କାହା କଥା ।

— ନା, ଚନ୍ଦ୍ର ନାହିଁ ।

— ବେଶ୍ ଭଲ କରିଛନ୍ତି । ଘର ଅମାୟିକ ଲୋକ କହୁ ଏହି କେଦାର ରାୟ । ଭଦ୍ରଲୋକ ଜଣଙ୍କ ହୃଦୟବାନ୍ ଓ ମହତ୍ ।

— ଆପଣ କ'ଣ କହୁଛନ୍ତି ଯଦୁବାବୁ ? ପର ଚର୍ଚ୍ଚା ଏଠାରେ କାହିଁକି ?

ମିଃ ସାହାଣୀ ଓ ଆପଣ ଦୁହେଁ ମିଶି ଘର ଚର୍ଚ୍ଚା କରନ୍ତୁ, ମୁଁ ଟିକିଏ ଉପରୁ ବୁଲି ଆସେ ।

ଯଦୁବାବୁ ଉଠିଗଲେ । ସୁନନ୍ଦା ଦାସ ଅନେଇ ରହିଲେ ତାଙ୍କର ଆଡେ । ଆଖି ଆଗରୁ ଲୁଚିଗଲେ ଯଦୁବାବୁ । ସୌରେନ୍ଦ୍ର ବାବୁଙ୍କ ଶୟନ କକ୍ଷରେ ଯାଇ ପହଞ୍ଚିଲେ । ପଛେ ପଛେ ମାଣିକ ।

— ତୋର କ'ଣ ଦରକାର ମାଣିକ ?

— କିଛି ନାହିଁ —ଏମିତି ଆସିଛି, ଆପଣଙ୍କର କାଳେ କିଛି ଦରକାର ପଡ଼ିପାରେ, ସେଇଥିପାଇଁ ।

— ମୋର କିଛି ଦରକାର ନାହିଁ, ତୁ ଯାଇପାରୁ ।

ଯଦୁବାବୁ ପଲଙ୍କ ଉପରେ ବସିଲେ । ଅଳ୍ପ ସମୟ । ତାପରେ ତକିଆଟି ଉଠାଇଲେ ପଲଙ୍କ ଉପରୁ । ଖଣ୍ଡେ ବହି । ଓଲଟାଇଲେ । ଗୀତା । ଖୋଲେଇ ପକେଇଲେ । କିଛି ନାହିଁ । ଆଉ କୌଣସି କାଗଜ ପତ୍ରର ଚିହ୍ନ ନାହିଁ । ଆଲମିରା ଟାଏ— ଲୁବ ପଡ଼ୁଛି, କାଚ ପ୍ରାଚୀର ଭେଦ ଦେଖାଯାଉଛି ସୁନେଲି ରଙ୍ଗର ଅକ୍ଷର ଗୁଡ଼ିକ । ପକେଟରୁ ଗୁବ ଲେନ୍ସାଏ ବାହାର କରି ଆଲମିରାଟାକୁ ଫିଟାଇଲେ । ଖାଲି ବହି ପତ୍ର । ସୌରେନ୍ଦ୍ର ବାବୁଙ୍କ ହାତ ଲେଖା ସେଠାରେ କିଛି ନାହିଁ ।

ତେବେ ? ତେବେ ଆଉ କ'ଣ ? ହାତ ଲେଖା ତ ନ ମିଳି-
ବାର କଥା । ଅଲମିରା ପୂର୍ବ ପରି ବନ୍ଦ କଲେ । କାନ୍ଥକୁ ଲାଗି
ଅଲମିରାଟି ଥିଲା । ଚାହିଁଲେ କରକୁ ? କାଠେ ଯଦି କଟିଛି କାଗଜ-
ପତ୍ର ପଡ଼ି ଯାଇଥାଏ ଭରପାଖରେ ।

ଆଶ୍ଚର୍ଯ୍ୟ ! ଏ ବର୍ତ୍ତୀଟା କାହିଁକି ଏଠାରେ ? ରେଲୱେ ଗାର୍ଡ-
ମାନେ ଗାଡ଼ି ଛାଡ଼ିବା ପୂର୍ବରୁ ଯେଉଁ ବର୍ତ୍ତୀ ସାହାଯ୍ୟରେ ନାଲି
ଆଲୋକର ସଂକେତ ଦିଅନ୍ତି ଠିକ୍ ସେହିପରି ବର୍ତ୍ତୀଟାଏ ଅଲମିରା
ଭିତରେ କାହିଁକି ? ତେବେ କ'ଣ ସେ ଦିନ ରାତିରେ ସେ ଏଇ
ବର୍ତ୍ତୀର ନାଲି ଆଲୋକ ଦେଖିଥିଲେ । କିଏ କାହାକୁ ଏହା ସାହା-
ଯ୍ୟରେ କି ସଂକେତ ପଠାଏ ?

ଯଦୁବାବୁ ଏ ଘର ସେ ଘର ବୁଲିଲେ ଅନେକ । ସୌରେନ୍ଦ୍ର
ବାବୁଙ୍କ ହାତଲେଖା କେଉଁଠି ନାହିଁ । ଓହ୍ଲାଇ ଆସିଲେ ତଳକୁ ।
ସୁନନ୍ଦା ଦାସ ଓ ମିଃ ସାହାଣୀଙ୍କର ଗଳ୍ପ ଜମି ଉଠିଛି ।

ସୁନନ୍ଦା ଦାସ ହସିଲେ ।

—ଆଉ ମୁଣ୍ଡ ଖରାପ କରନ୍ତୁ ନାହିଁ ଯଦୁବାବୁ ! କି ଲାଭ ?
ବାପା ତ ମୋର ନବପଦରେ ଅଛନ୍ତି ପାଠଶାଳାରେ । ଆଉ ଗୋଟାଏ
ଚିନ୍ତା ଦିନ କ'ଣ ମୋର ? ଅସୁବିଧା ହେଲେ ବୁଲିଯିବି ପାଠଶାଳାକୁ ।

ଯଦୁବାବୁ ଚହିଁକି ପଡ଼ିଲେ ।

—ସତେ ? ତେବେ ଅପ୍ରୟୋଜନ ବୁଲିଲିଣି ନିଶ୍ଚୟ ।

—ହଁ, ଆପଣଙ୍କ ପାଖରୁ ଫେରିଆସିବା ପରେ ଟେଲିଗ୍ରାମ
ପାଇଲି । ବାପାଙ୍କର ଆହୁରି ମାସେ ଡେରି ହେବ । ଲେଖିଛନ୍ତି,
ଇଚ୍ଛାଥିଲେ ବୁଲି ଆସିପାରୁ ।

ଯଦୁବାବୁ ମିଃ ସାହାଣୀଙ୍କ ଡାହାଣ ହାତ ଟାଣି ନେଇ ରେଖା
ଗୁଡ଼ିକ ଉପରେ ଆଖି ବୁଲାଉ ଥିଲେ ।

—ଅଠଷଠି—

—ବୁଝିଲ ସାହାଣୀ । ତୁ ଗୋଟାଏ ଭଗ୍ନାଳିଅ । ତୁ ସତେଇଶ ବର୍ଷ ବୟସରେ ଗୁଡ଼ାଏ ସଂପତ୍ତି ପାଇବୁ ।

ମିଃ ସାହାଣୀ ମୃଦୁକ ହସିଲେ ।

—ଏ ବିଦ୍ୟାର ବେଉସା କେବେଠୁ ଆରମ୍ଭ କଲୁଣି କରେ ? ତା ହେଲେ ଦେଖୁଛି ଭବିଷ୍ୟତରେ ତୋତେ ବି ହସାଇବାକୁ ହେବ ।

—ବିଦ୍ୟାର ଆରମ୍ଭ ହୋଇଛି ମାତ୍ର । ତୁ ବୁଝି ପାରିବୁନି ସାହାଣୀ । ଜ୍ୟୋତିଷ ବିଦ୍ୟାରେ ଏକ ମାଦକତା ଅଛି । ଯେତିକି ଯେତିକି ଭିତରକୁ ପଶିବୁ, ତୋ ମନ ସେତିକି ସେତିକି ସେ ଆଡ଼େ ଆକୃଷ୍ଟ ହୋଇ ପଡ଼ିବ ।

—ସେ ସବୁର ବିଶ୍ଳେଷଣର ଆବଶ୍ୟକ ନାହିଁ । ତା' ପରେ କ'ଣ କ'ଣ ହେବ କହିଲୁ ?

—ତୋର ପରମାୟୁ ୭୫ ବର୍ଷ । ତୁ ଗୁଇନ୍ଦା ବିଭାଗରେ ସୁନାମ ଅର୍ଜନ କରି ପାରିବୁ ନାହିଁ । ବ୍ୟବସାୟ କଲେ ବେଶ୍ ଖ୍ୟାତି ଅର୍ଜି ପାରିବୁ ।

ସୁନନ୍ଦା ଦାସ ମନ ଦେଇ ଶୁଣୁଥିଲେ । ହସି ହସି ହାତଟି ବଢ଼ାଇ ଦେଲେ ଯଦୁବାବୁଙ୍କ ହାତକୁ ।

—ମୋ ହାତ ଟିକେ ଦେଖନ୍ତୁ ତ ! ଯଦୁବାବୁ ସାହାଣୀଙ୍କ ହାତ ଛାଡ଼ି ଦେଲେ । ସୁନନ୍ଦା ଦାସର ହାତ ଦେଖିଲେ ଏ ପାଖ ସେପାଖ କରି । ଅଙ୍ଗୁଳି ଗୁଡ଼ିକ ନିରୀକ୍ଷଣ କଲେ ଭଲ ଭାବରେ । ସେ ରେଖା ଗୁଡ଼ିକରେ ଅଙ୍ଗୁଳି ଚଳାଇ ଚଳାଇ କପାଳ ଉପରେ ଦୃଷ୍ଟି ପକାଇ ହସିଲେ ମୃଦୁକ ମୃଦୁକ ।

—ଆପଣଙ୍କ ହାତଟି ତ ବେଶ୍ ।

ସୁନନ୍ଦା ଦେବୀ ସଜାଡ଼ି ହୋଇ ବସିଲେ ।

—ଅଣସ୍ତରି—

—ମାନେ ?

—ଆପଣ ଅସାଧରଣ ।

—ଅର୍ଥାତ୍ ?

—ଆପଣ ଯାହା ନୁହନ୍ତି ତାହା ହେବାକୁ ଯାଉଛନ୍ତି ।

—ବୁଝି ପାରୁନାହିଁ—ଖୋଲି କରି କହନ୍ତୁ ଟିକଏ ।

ସତୁବାବୁ ହସି ଉଠିଲେ ଟିକଏ ଜୋର୍‌ରେ । ଆପଣ ଠକୁଛନ୍ତି ସୁନନ୍ଦା ଦେବୀ, ଠକୁଛନ୍ତି ।

ସୁନନ୍ଦା ଦାସଙ୍କ ମୁହଁ ଶେତା ପଡିଗଲା ।

—ଠକୁଛି, ମାନେ ?

—ଏଇ ମୋତେ ହାତ ଦେଖାଇ । ଆପଣ ଜାଣନ୍ତି ମୁଁ ଗୁଇନ୍ଦାଟିଏ । ମୋତେ ହାତ ଦେଖାଇବା ଅର୍ଥ କ'ଣ ହୋଇପାରେ ? ଏକା ସାଙ୍ଗରେ ମିଃ ସାହାଣୀ ଓ ସୁନନ୍ଦା ଦେବୀ ହସି ଉଠିଲେ ।

—ତା' ହେଲେ ଆପଣ ଜଣେ ରସିକ ଲୋକ ଦେଖୁଛି । ଆମର ଏହି ଛୋଟ ଭୋଜିଟିକୁ ମଧୁମୟ କଲେ ।

—ମୋତେ ନୁହେଁ । ଯେଉଁଠି ଗରମ ପାଣି, ଚନ୍ଦର ବ୍ୟବସ୍ଥା ସେଠି ମଧୁର ଗନ୍ଧ ପର୍ଯ୍ୟନ୍ତ ନାହିଁ । ମୁଁ ମଧୁମୟ କରିବ କାହାକୁ !!

—ଆପଣଙ୍କୁ ପାରି ହେବନି ଦେଖୁଛି ।

—ଗୁଇନ୍ଦା ଲୋକ କନା, ସେଥିପାଇଁ ସାଧାରଣତଃ ଅବୋଧଗମ୍ୟ

—ସେ ସବୁ ବାଜେ କଥା ଛାଡନ୍ତୁ ସତୁ । ହଁ ସୁନନ୍ଦା ଦେବୀ ! ଆପଣ ତା' ହେଲେ ଏ ଭିତରେ ପାଟଣା ଯାଉଛନ୍ତି

—ମନ ମନ କରୁଛି । ଏ ପର୍ଯ୍ୟନ୍ତ ଠିକ୍ କରିନାହିଁ ।

—ହେଉ ଯିବା ପୂର୍ବରୁ ଜଣେଇ ଦେବେ । ଗଲେ ସାହାଣୀ, ଛ'ଟା ବାଜି ଗଲାଣି ।

—ସତୁରି—

—ତା ହେଲେ ଆସୁଛି ସୁନନ୍ଦା ଦେବୀ । ଦରକାର ପଡ଼ିଲେ ଫୋନ୍ କରିବେ ।

—ହଉ ଆପଣଙ୍କ ଉପକାର ଜୀବନରେ ଭୁଲି ପାରିବି ନାହିଁ । ନମସ୍କାର ।

—ନମସ୍କାର ।

ଯଦୁବାବୁ ହସିଲେ ।

କାନ୍ଥ ଘଡ଼ିରେ ବାଜିଲା ଦୁଇ ।

ଯଦୁବାବୁଙ୍କ ଆଖିକୁ ନିଦ ଆସିନାହିଁ । ସାହାଣୀ ସେ ଘରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ଯଦୁବାବୁଙ୍କ ମୁଣ୍ଡରେ ବୁଢ଼ୀଆଣୀ ଜାଲ-ପରି ଘଟଣାଗୁଡ଼ାକ ଗୁଡ଼େଇ ହୋଇଯାଇଛି ।

କ'ଣ ଆଉ ହୋଇପାରେ ! ସତରେ କଣ ଏ ରହସ୍ୟଟା ଭଭିଙ୍ଗନ ? ସୌରେନ୍ଦ୍ର ବାବୁ ବଂଚିଛନ୍ତି, ପୁଣି ପାଟଣାରେ । ଅଥଚ···

ଯଦୁବାବୁ ଚମକି ପଡ଼ିଲେ । ସେଇ ଦାମୀ ଏସେନ୍ସର ଗନ୍ଧ ବାଜିଲା ତାଙ୍କ ନାକରେ । ତା ପରେ ଘରେ କାହାର ଯେମିତି ପଦ ଶବ୍ଦ । କିଏ ?

ନିସ୍ତବ୍ଧ ହୋଇ ଶୋଇ ରହିଲେ ପଲଙ୍କ ଉପରେ । ସେଇ ଭୀଷଣ ଅନ୍ଧକାର ମଧ୍ୟରେ କ୍ଷୀଣ ଆଲୋକ ଶିଖାଟିଏ ଦେଖିବାକୁ

ମିଳିଲା । ମଳିନ ଆଉ ନିଷ୍ପ୍ରଭ । ବୋଧହୁଏ ଜ୍ୟୋତିଆ ଟର୍ଚ୍ଚ ଲାଇଟର ଆଲୋକ । ଘରର ପ୍ରତି ଚେୟାର ଟେବୁଲ ଉପରେ ବୁଲି ବୁଲି ଅଟକି ଗଲା ଆସି ଯଦୁବାବୁଙ୍କ ମୁହଁରେ । ସେ ଆଖିବୁଜି ଦେଇ ଥିଲେ ଆଗରୁ । ତା ପରେ ଆଲୋକ ଶିଖାଟି ଧୀରେ ଧୀରେ ଅଟକି ଗଲା ଯାଇ ଟେବୁଲ ଉପରେ ।

ସୁନନ୍ଦାଙ୍କ ଘରୁ ଆଣିଥିବା ସେଇ କଳା ଗେଲରଟି ଉପରେ ।

ଯଦୁବାବୁ ତକିଆ ତଳ ଅଣ୍ଡାଳିଲେ, ପିସ୍ତଲଟି-ନାହିଁ । ବାହାରୁ ଫେରିଆସି ଆଲମିରାରେ ବନ୍ଦ କରି ଦେଇଛନ୍ତି । ମସ୍ତବଡ଼ ଭୁଲଟାଏ ହୋଇଛି ତାଙ୍କ ପକ୍ଷରେ । ସେମିତି ନିଶ୍ଚଳ ହୋଇ ଶୋଇ ରହିଲେ ।

ଗୋଟାଏ ଛାୟାମୂର୍ତ୍ତି ଆଗେଇ ଆସିଲା ଟେବୁଲ ପାଖକୁ । ଯଦୁବାବୁ ଡେଇଁ ପଡ଼ିଲେ ତା' ଉପରକୁ । ତାଙ୍କ ମୁଣ୍ଡଟା ଠିକ ଗଲା କାନ୍ଥ ଦେହରେ । ସେ ଆଘାତ ପାଇଲେ ଜୋରରେ । ଛାୟାମୂର୍ତ୍ତିଟା ତାଙ୍କ କବଳରୁ ଖସି ପଳାଇଲା ଆଖି ପିଛୁଡ଼ାକେ ।

ସେ ଘରୁ ମିଃ ସାହାଣୀ ଧାଇଁ ଆସିଲେ ଆବାଜ୍ ଶୁଣି । ସୁଇଚ ବୋର୍ଡରେ ହାତମାରି ଦେଖିଲେ ଯଦୁବାବୁ କଳା ବ୍ୟାଗଟାଏ ଧରି ବସିଛନ୍ତି । କଳା ଗେଲରଟା ଗଡ଼ି ଗଡ଼ି ଯାଉଛି ପଲଙ୍କ ତଳକୁ ।

—ବ୍ୟାପାର କ'ଣ ଯଦୁ ?

—ଖସିଗଲା ଭାଇ, ଖସି ଗଲା । ସଇତାନ ହାତ ମୁଠାରୁ ବାହାରି ଗଲା ।

ତଳେ ଶୁଭିଲା ମଟର ଷ୍ଟାର୍ଟ ହେବାର ଶବଦ । ସାହାଣୀ ବାବୁ ଝରକା ପାଖକୁ ଧାଇଁ ଯାଇ ଟର୍ଚ୍ଚ ଆଲୋକରେ ଦେଖିଲେ ଖଣ୍ଡିଏ ମଟର ସାଇକେଲ ଛୁଟି ଚାଲି ଯାଉଛି । ଆରୋହୀକୁ ଚିହ୍ନିବା ପୂର୍ବରୁ ସେ ଅଦୃଶ୍ୟ ହୋଇ ଯାଇଥିଲା । ଫେରି ଚାହିଁଲେ ପଛକୁ । ଯଦୁବାବୁ

ପଲଙ୍କ ତଳୁ ଟ୍ରେଲରଟି ଗୋଟାଇ ଆଣି ପରୀକ୍ଷା କରୁଛନ୍ତି ।

—ବ୍ୟାପାର କ'ଣ ଯଦୁ ? କିଛି ତ ବୁଝି ପାରୁନ ମୁଁ । ଏ କଳା ବୁର୍ଖାଟା କାହାର ?

—ସେଇ ସଇତାନର, ସାହାଣୀ । ସେ ଆସିଥିଲା ଏଇ ଟ୍ରେଲରଟି ନେଇଯିବା ପାଇଁ । କ'ଣ ଯେ ଅଛି ଏଇ ଟ୍ରେଲରଟାରେ ମୁଁ ବି କିଛି ବୁଝି ପାରୁନି । ଏଇଟା ପାଇଁ ଏତେ ଜିଦ୍ କାହିଁକି ?

ମିଃ ସାହାଣୀ ହାତକୁ ଟ୍ରେଲରଟା ନେଇ ଦେଖିଲେ । ଏ ପାଖ ସେ ପାଖ, ବୁଲେଇ ଚଲେଇ । ଖାଲି କଳା ଟ୍ରେଲରଟାଏ । ହାତରେ ଓଜନ କଲା ପରି କଲେ ।

—ବୁଝିଲ ଯଦୁ ! ଏଇ ଟ୍ରେଲରଟାରେ କିଛି ରହସ୍ୟ ଅଛି ।

—ମାନେ ?

—ମୋର ମନେ ହେଉଛି ଏ ଟ୍ରେଲର ଭିତରଟା ପୋଲା । ନୋଇଲେ ଏତେ ଅଳ୍ପ ଓଜନ ହୁଅନ୍ତା କାହିଁକି ? ଯଦୁବାବୁଙ୍କ ମୁହଁରେ ହସ ଫୁଟି ଉଠିଲା ।

—ଠିକ୍ ଠିକ୍ ସାହାଣୀ ! ଠିକ୍ ଧରି ପାରିଛ । କିନ୍ତୁ ସ୍ପୁଲର ଦୁଇ ମୁଣ୍ଡ ତ ଠିକ୍ ଅଛି । ଭିତରଟା ପୋଲା ହେଲା କିପରି ?

—ସେଇ ତ ଭାବିବାର କଥା । ଆଗ ଛୁରୀଟା ଆଣେ ତ ସେ ଘରୁ । ଚିରି ଦେବା ଏଟାକୁ । ଦେଖାଯିବ ଯାହା ଅଛି ।

ଯଦୁବାବୁ ଆଗେଇ ଗଲେ ଆର ଘରକୁ । ଘରେ ବତୀ ଜାଳି ଚିତ୍କାର କରି ଉଠିଲେ ।

—ସାହାଣୀ, ସାହାଣୀ । ସର୍ବନାଶ ହୋଇଛି !

—ଏ ଲୁହା ସେଫ୍ କିଏ ଖୋଲିଛି ?

—ମୁଁ ତ ଖୋଲି ନାହିଁ ।

—ତେବେ ?

—କ୍ରମଶଃ—

—ଆରେ ଦେଖତ ସେ ଉଇଲଟା ଅଛି କି ନାହିଁ ।

ଯଦୁବାବୁ ବ୍ୟର୍ଥ ଖୋଜାଣୀରେ ଅନାଇ ରହିଲେ ସାହାଣୀଙ୍କ ଆଡେ ।

—ହରଣଚାଲ ସାହାଣୀ । ଉଇଲ ହରଣ ଚାଲ । ସେ ବୋଧହୁଏ ପ୍ରଥମେ ତୋର ଘରେ ପଶି କାମସାର ତାପରେ ମୋ ଘରକୁ ଆସିଛି ।

—ତା'ହେଲେ ତ ବଡ଼ ଅସୁବିଧା ହେଲା ଯଦୁ ! କ'ଣ କରିବା ?

—ଅନୁସଂଧାନ ।

—କାହାର ?

—ସଇତାନର ।

—ତା ହେଲେ ଦେଖୁଛି ଶ୍ରୀତମତ ଲଢିବାକୁ ହେବ ସଇତାନ ସଙ୍ଗରେ ।

—ତୁ କ'ଣ ଏତେଦିନ ପର୍ଯ୍ୟନ୍ତ ଉପର ଠାଉରିଆ ଭାବରେ ଲଢୁଥିଲୁ ? ଛକ

—ଥାଉ ସେ କାଜେ କଥା, ଚୁଲି ଆଣେ ତ । ଲେ

ସତରେ ପୋଲା ସେଲରଟାଏ । ଗୋଟାଏ ମୁଣ୍ଡ କଲମର ସାହାଯ୍ୟରେ ବନ୍ଦ କରାଯାଇଛି । ତା ଭିତରେ ଖଣ୍ଡିଏ ଯତ୍ନରେ ରଖା ଯାଇଛି । ଯଦୁବାବୁ କ୍ଷିପ୍ର ହସ୍ତରେ ପକାଇଲେ । ଏହା ମଧ୍ୟ ଖଣ୍ଡିଏ ଉଇଲ । ଯଦୁବାବୁ ପଢ଼ିଲେ । ର

ମୁଁ କେଦାର ରାୟ । ଅଦ୍ୟ ତା ୨–୮···ରିଖରେ କରି କହୁଅଛି ଯେ ସୁନନ୍ଦା ଦେବୀଙ୍କ ସହିତ ମୋର ଶୁଭ ପରି ସୁସମ୍ପନ୍ନ ହୋଇ ସାରିବା ପରେ, ସୌରେନ୍ଦ୍ର ବାବୁଙ୍କର ସଂପତ୍ତିର ଅଧିକାରୀ ମୁଁ ନିଜେ ହେବି । କିନ୍ତୁ ମୋର ବନ୍ଧୁ ଦାସଗୁପ୍ତ ଓ ସଂଧାରାଣୀ ଦେବୀ ମୋତେ ପ୍ରତି କ୍ଷେତ୍ରରେ ନା

—କ୍ରମଶଃ—

ପଣ ଙ୍କର ସାହାଯ୍ୟ କରି ଆସିଥିବା ହେତୁ, ଏହି ସଂପତ୍ତି ମୋର ହୋଇ ପାରିଲା ପରେ ଏହାର ଅଂଶୀଦାର ବହିରେ ଚନ୍ଦନ ଦାସ ଗୁପ୍ତ ଓ ସଂଧ୍ୟାରାଣୀ ଦେବୀ । ଆମ ତିନି ଜଣଙ୍କର ସଂପତ୍ତି ଉପରେ ସମାନ ଅଧିକାର ରହିବ । କେବେ ଯଦି ମନୋମାଳିନ୍ୟ ଯୋଗୁଁ ସଂପତ୍ତି ଭାଗ ଭାଗ କରିବାକୁ ଚାହିଁବୁ, ତେବେ ତିନିହେଁ ସମାନ ଅଂଶରେ ଭାଗ ପାଇବୁ ।

ସ୍ୱାଃ ଶ୍ରୀ କେଦାର ଗୁପ୍ତ ।

ଯଦୁବାବୁ ଉଇଲଟି ପଢି ସାରି ପାହାଣୀ ମୁହଁକୁ ଅନାଇଲେ । ମିଃ ପାହାଣୀଙ୍କ ଆଖିରେ ବିସ୍ମୟର ପାହାଡ଼ । ଯଦୁବାବୁଙ୍କ ମୁହଁରେ ଚତୁରର ରେଖା ।

ସମସ୍ୟା ବଡ଼ ଜଟିଳ । ଗୋଟିଏ କାଗଜ ଉପରେ ତଳକୁ ତଳ ଲେଖିଲେ:—

ସଂଧ୍ୟା ଦେବୀ,

କେଦାର ଗୁପ୍ତ ।

ସେ ଅ ଚନ୍ଦନ ଦାସଗୁପ୍ତ ।

ଉଠିଲି ଯଦୁ ଠିକ ପରେ ।

ବାରି —ବୁଝିଲ ପାହାଣୀ। ଗୋଟିଏ ମଜାଦାର ରହସ୍ୟ ଉଦ୍ଘାଟନ

ଯଦୁ କରିଛି । କରିଛି ମୁଁ ।

—କି ରହସ୍ୟ ?

ନାହିଁ —ଅଂକେର କୁବ କେଉଁମାନଙ୍କର ବୁଝି ପାରିଛି ।

ଭଲ —କିପରି ?

ଚାର —ଏଇ ଧର ସଂଧ୍ୟାରାଣୀ, ମୂଳ ଅକ୍ଷରଟା ହେଲା "ସଂ" ଉପରେ କେଦାର ଗୁପ୍ତ-ମୂଳ ଅକ୍ଷରଟା ହେଲା "କେ" ତାପରେ ଚନ୍ଦନ ଦାସଗୁପ୍ତ-ମୂଳ ଅକ୍ଷରଟା ହେଲା "ଚ" । ଏ ତିନୋଟି

ନାଆଁର ମୂଳ ଅକ୍ଷର ତିନୋଟି ଯାକ ମିଶି ହୋଇଛି 'ସଂକେତ'।
ଏଇ ସଂକେତରୁ "ସଂକେତ" କ୍ଲବ ଜନ୍ମ ବୋଧହୁଏ।

ମିଃ ସାହାଣୀ ବନ୍ଧୁସ୍ପୃହ ବିସ୍ମୟ ନୟନରେ ଚାହିଁ ରହିଲେ ଯଦୁବାବୁଙ୍କ ମୁହଁକୁ।

—ଠିକ୍ ଠିକ୍ ବଡ଼ କାଇଦାରେ ନାମଟି ଦେଇଛନ୍ତି। ତେବେ ଏଥିରୁ ମନେ ହେଉଛି ଏଇ ସଂକେତ କ୍ଲବ ସମସ୍ତ ଘଟଣାର ମୂଳ। କିନ୍ତୁ ଏ ସୁନନ୍ଦା ଦେବୀଙ୍କ କଥା ମୋତେ ରହସ୍ୟ ସାଗରରେ ବୁଡ଼ାଇ ରଖିଛି। ଏଣେ ତାଙ୍କ ବିରୁଦ୍ଧରେ ସ୍ୱାମୀଙ୍କ ଷଡ଼ଯନ୍ତ୍ର। ଅଥଚ ସେ ବେଶ୍ ଖୁସିରେ ବସିଛନ୍ତି। ପୁଣି ପାର୍ଟିଣା ଯିବାକୁ ତିଆର ହେଲେଣି।

—ସେ ସବୁ ପରେ ସାହାଣୀ। ବର୍ତ୍ତମାନ ଉପୁଜି ଥିବା ସମସ୍ୟାର କ'ଣ ସମାଧାନ କରାଯିବ? ଭାବେତ। ଆମ ଘରୁ ସୌମେନ୍ଦ୍ର ବାବୁଙ୍କ ଉଇଲ ଚୋରି, ତା' ପରେ ସୁନନ୍ଦା ଦେବୀଙ୍କୁ କେଦାର ରାୟଙ୍କର ବିବାହ ଷଡ଼ଯନ୍ତ୍ର ଚାଲିଛି। ହୁଏତ ସେତିକି ହୋଇପାରି ନଥିଲା। ଉଇଲ ବାହାରି ଗଲାଣି ଯେତେବେଳେ ଏଣିକି ଆଉ ବିବାହ ଅଟକିବ ନାହିଁ। ଏପରି ସ୍ଥଳେ ଆମର କାର୍ଯ୍ୟ ତତ୍ପରତା ପ୍ରଥମେ ଆବଶ୍ୟକ।

—ବର୍ତ୍ତମାନ ସଂକେତ କ୍ଲବକୁ ଛଦ୍ମବେଶରେ ଯିବା ଚାଲେ। ଯଦି ଆମର ଅନୁମାନ ସତ ହୋଇଥାଏ ତେବେ ସେଠାରେ ଅନେକ କିଛି ତଥ୍ୟ ଆମେ ଆବିଷ୍କାର କରି ପାରିବା।

—ତୁ ସଂକେତ କ୍ଲବକୁ ଯା ସାହାଣୀ। ମୁଁ ଯାଉଛି ସୁନନ୍ଦା ଦେବୀଙ୍କ ଘରକୁ।

ଦୁହେଁ ବାହାରି ଗଲେ ଦୁଇ ଆଡ଼କୁ।

—ଛଅସ୍ତର—

ଯଦୁବାବୁ ଧୀରେ ସୁନନ୍ଦା ଦେବୀଙ୍କର ହତା ଭିତରକୁ ପଶିଲେ । ଦେହ ଗୋଟାକ କଳା ପୋଷାକରେ ଅବୃତ ଥିଲା । କାହାରି ସୋର ଶବଦ ନାହିଁ । ଗୋଟାଏ ଗଛ ମୂଳରେ ସେ ଦଣ୍ଡେ ଠିଆ ହେଲେ । ଅନାଇଲେ ନିର୍ଜୀବ କୋଠାଟା ଆଡ଼େ । ସତେ ଯେମିତି ଜୀବନ ଛାଡ଼ି ଯାଇଛି ।

ବାରଣ୍ଡା ଉପରେ ନୀଳ ଆଲୋକ ଦିଶିଲା । ଯଦୁବାବୁ ବ୍ୟସ୍ତ ହୋଇ ପଡ଼ିଲେ । କ'ଣ ଏଇ ଆଲୋକର ଅର୍ଥ ? ସେଦିନ ଯେମିତି ସେ ଅସିବା ସଙ୍ଗେ ସଙ୍ଗେ ଜଳି ଉଠିଥିଲା । ଆଜି ପୁଣି ଜଳି ଉଠିଲାଣି । ଆଲୋକଟା ଧୀରେ ନାଚି ନାଚି ଯାଇ ସେପାଖ ବାରଣ୍ଡାରେ ଥିର ହୋଇ ରହିଗଲା । କିଛି ଭାବି ପାରିଲେ ନାହିଁ ଯଦୁବାବୁ ।

ଗୋଟିଏ ଜାଗାରେ ଛିଡ଼ା ହୋଇ ରହିବା ଉଚିତ ମଣିଲେ ନାହିଁ । କୋଠା ଭିତରକୁ ଯିବାର ମଧ୍ୟ ଉପାୟ ନାହିଁ । ଗୋଟାଏ ଭଲ ବୁଦ୍ଧି ଦିଶିଲା । ବର ଗଛଟାର ମୋଟା ଡାଳଟାଏ ଦୋ'-ତାଲାର ଗୋଟାଏ ଝରକାକୁ ଛୁଇଁଛି । ଯଦୁବାବୁ ସେଇ ବାଟେ ଭିତରକୁ ଯିବେ ବୋଲି ଭାବିଲେ । ସଙ୍ଗେ ସଙ୍ଗେ ଉଠିଲେ ବରଗଛ ଉପରକୁ ।

ଡାଳେ ଡାଳେ ଆଗେଇଚାଲେ । କଳା ସ୍ତରର ଅନ୍ଧାର ପରଦା ଭିତରେ ପଦେ ପଦେ ଆଶଙ୍କା । ହୁଏ ତ ଗୋଡ଼ ଖସିପଡ଼ିବ, ନୋହିଲେ ଡାଳ ଭାଙ୍ଗିଯିବ । ତଥାପି ଆଗେଇଲେ ।

ଦଶ ତାଲାର ସେଇ ଖିଡ଼ିକିଟା ପେଲିଦେଲେ । ଖୋଲିଗଲା । ଫ୍ଲେସ ଲାଇଟଟିଏ ପକେଟରୁ କାଢ଼ି ଜାଳିଲେ । ଅନ୍ଧାରୁଆ କୋଠରି-ଟାଏ । ଅଦରକାରୀ ବୋଧହୁଏ । ମଣିଷ ବ୍ୟବହାର କରେ ନା କେବେ ଏଇଟାକୁ । ସେମିତି ପଡ଼ି ରହିଛି, ହୁଏ ତ କେତେ ଦିନରୁ । କିନ୍ତୁ ଆଶ୍ଚର୍ଯ୍ୟ ! ଏଠି ମଧ୍ୟ ସେଇ "ଇଭିନିଂ ଇନ୍ ପ୍ୟାରିସ୍" ଏସେନସର ଗନ୍ଧ ।

ଚାରିଆଡ଼କୁ ଅନାଇଲେ । ଗ୍ଲେଟ ଦୁଆରଟିଏ । ବୋଧହୁଏ ଆଉ କୋଉ ଘରକୁ ଯିବା ପାଇଁ । କାଠ ଦରଜାଟିଏ । କିନ୍ତୁ ବନ୍ଦ ଥିଲା । ଠେଲିଲେ, ଟେକିଲେ । ଖୋଲିଲା ନାହିଁ । ତେବେ ?

ଆସ୍ତେ ଆସ୍ତେ ସେ ପାଖରୁ କଡ଼ା ହଲିବାର ଶବ୍ଦ ହେଲା । କିଏ ଖୋଲୁଛି ବୋଧହୁଏ । ଯଦୁବାବୁ ଆଉଜା ପଡ଼ିଲେ କୋଣଟାଏ ଅନ୍ଧାରୁଆ କଣକୁ । କବାଟଟି ଧୀରେ ଧୀରେ ମୁକୁଳି ଗଲା । ସ୍ତ୍ରୀ ଲୋକଟିଏ ପଶି ଆସିଲା ସେଇ ଘର ଭିତରକୁ । ହାତରେ କ'ଣ ଗୋଟାଏ ଧରିଛି । ଯଦୁବାବୁ ବାରି ପାରିଲେ ନାହିଁ ।

ସେ ଆଗେଇ ଗଲା ସେଇ ଝରକା ପାଖକୁ । ଧୀରେ ଧୀରେ ଝରକାରୁ ପାଦ ବଢ଼ାଇଲା ବାହାରକୁ । ତା' ପରେ ଗୋଡ଼ ଥୋଇଲା ବରଡ଼ାଳ ଉପରେ । ଯଦୁବାବୁ ସେମିତି ଛିଡ଼ା ହୋଇ ଥିଲେ । ସ୍ତ୍ରୀ ଲୋକଟି ବରଗଛ ଉପରେ ଯାଇ କଣ କଲା କେଜାଣି, ଗୋଟାଏ ହାଡ଼ଗିଲା ଉଡ଼ିଗଲା ଆକାଶ ମାର୍ଗକୁ । ଝର ଝର ହୋଇ ଖସି ପଡ଼ିଲା ଗୋଟିଏ ନିଅଁ ପାଖୁଡ଼ା । ପୁଣି ଲେଉଟି ଆସିଲା ସେ । ଯଦୁବାବୁ ଅଥୟ ହୋଇ ପଡ଼ିଲେ

ଅନ୍ଧାରୁଆ କକ୍ଷକୁ । ଚହିଁବାକୁ ଚେଷ୍ଟା କଲେ ସ୍ତ୍ରୀ ଲୋକଟିକୁ । ମାଣିକା ହେବ ବୋଧେ !

ସେ ଚାଲିଗଲେ କବାଟଟାକୁ ଆଉଜେଇ ଦେଇ । ଯଦୁବାବୁ ପୁଣି କବାଟରେ ହାତ ମାରିଲେ । ଏ ତ ଖୋଲା ଅଛି । କାହିଁକି ? ମାଣିକା କ'ଣ ବନ୍ଦ କରିବାକୁ ଭୁଲି ଯାଇଛି ? ତା' ଛଡ଼ା ଏ ହାବେଲୀର ଅର୍ଥ କ'ଣ ? ଆଉ ଧନେ ଏମିତି ହାବେଲୀ ଲୁଟିଥିଲା ଅକାଳକୁ । ଇଡେନ୍ ଗାର୍ଡେନରୁ । ସେଦିନ ଲୁଟ ହୋଇଥିଲା ରିଜର୍ଭ ବ୍ୟାଙ୍କରୁ ଧୀରେନ୍ଦ୍ର ବାବୁଙ୍କ ଚେଷ୍ଟାରେ । ଆଜି ପୁଣି ଏ ହାବେଲୀର ବିଶେଷ କିଛି ଅର୍ଥ ଅଛି ହୁଏ ତ ।

ଯଦୁବାବୁ ସେଇ ଛୋଟ ଦରଜାଟି ମୁକୁଳା କରି ଭିତରକୁ ପଶିଲେ । ଅତ୍ୟନ୍ତ, ଖୁବ ସନ୍ତର୍ପଣରେ । ଯେ ପାଖକୁ ଆଉ ଗୋଟିଏ ଛୋଟ ଘର । ମିଞ୍ଜି ମିଞ୍ଜି ଆଲୁଅ ଜଳୁଥିଲା ସେଥିରେ । କାହାର ଚୁପ୍‌ଚାପ୍ କଥା ଶୁଣିବାକୁ ପାଇଲେ ଯଦୁବାବୁ । କାନ ଡେରିଲେ ।

—ସେମାନଙ୍କର ଆସିବା ସମୟ ହୋଇଗଲାଣି । ତୁମେ ତୁମର ଶେଷ କଥା ପଦକ କୁହ ।

—ମୁଁ ମୋଟେ ଏ ପ୍ରସ୍ତାବରେ ରାଜି ନୁହେଁ । ମରିଯିବି ବରଂ, ତମ ପ୍ରସ୍ତାବରେ ରାଜି ହେବି ନାହିଁ ।

—ଆଉ ଥରେ ଭାବି ଦେଖ ସୁନନ୍ଦା, ଏ ତମ ଜୀବନରେ ଗୋଟାଏ ସରସ ମୁହୂର୍ତ୍ତ । ହରେଇଲେ ଆଉ ମିଳିବ ନାହିଁ । ତେବେ କି ଯୋର ଯୁଲମର ମାମଲା ଚଳିବ ।

—ସେ ଅଲଗା କଥା । କିନ୍ତୁ ମୁଁ ହୋସ୍‌ରେ ଥିବାଯାଏ, କଦାପି ତୁମର ଏହି ବର୍ବରତାକୁ ପ୍ରଶ୍ରୟ ଦେବି ନାହିଁ ।

—ସୁନନ୍ଦା ଆଉଥରେ ଭାବି ଦେଖ ।

—ଏ କେତେଦିନ ହେବ, ଏଇ କୋଠରିଟିରେ ବସି ବସି ଢେର ଭାବନ୍ତି ।

ଯଦୁବାବୁ ବାହିରେ, ଦୁଇଟି ନାରୀ କଣ୍ଠର ବାର୍ତ୍ତାଳାପ । ପିସ୍ତଲ ଘୋଡ଼ାଅରେ ହାତ ଆଙ୍ଗୁଠି ରଖି, ଗୋଡ଼ ଟିପି ଟିପି ଆଗକୁ ବଢୁଥିଲେ । ହଠାତ୍ ଚଳେ ଖଟେଣ୍ଡ୍ର ମଠର ଅଟକ ଯିବାର ଶବ୍ଦ ବାଜିଲା ତାଙ୍କ କାନରେ ।

ପରେ ପରେ କେତେ ତ୍ରୁଡ଼ୀ ଲୋକ ଶିଡ଼ି ଦେଇ ଉପରକୁ ଆସୁଥିବାର ସଙ୍କେତ ମଧ୍ୟ ମିଳିଲା ତାଙ୍କୁ । ସେ ପଛେଇ ଆସିଲେ ପୁଣି ।

ପାଞ୍ଚ ସାତ ଜଣ ଲୋକ ଆସି ରୁଣ୍ଡ ହେଲେ ବାରଣ୍ଡାରେ । କିଏ ଏମାନେ ? ଯଦୁବାବୁ ଭାବି ପାରିଲେ ନାହିଁ । ଗୋଟାଏ ଲୁହାଡ଼ିଆ ଜାଗାରେ ଛିଡ଼ା ହୋଇ ଲକ୍ଷ୍ୟ କଲେ ସେମାନଙ୍କର କାର୍ଯ୍ୟକଳାପ ।

ବେଦୀ ବନ୍ଧା ହୋଇସାରିଛି । ବିବାହର ସରଞ୍ଜାମ ସବୁ ସଜଡ଼ା ହୋଇ ରହିଛି ଗୋଟାଏ ଜାଗାରେ । ବର ଆସି ବସିଲା ବେଦୀରେ । ଆନନ୍ଦରେ ନାଚି ଉଠୁଛି ସମସ୍ତଙ୍କର ମନ ।

ଯଦୁବାବୁ ପିସ୍ତଲଟା ବାଗେଇ ଧରି ଆଗେଇ ଗଲେ ବେଦୀ ନିକଟକୁ ।

—ଏ ବିବାହ ହୋଇ ପାରେ ନା ।

ସମସ୍ତେ ବୁଲି ଗୃହିଁଲେ । ଉଦ୍ୟତ ରିଭଲଭର ହାତରେ ଯଦୁବାବୁ ଦଣ୍ଡାୟମାନ ।

—ମିସ୍ ସୁନନ୍ଦା ଦାସ ଚମକି ପଡ଼ିଲେ ପ୍ରଥମେ । ତା' ପରେ କାନ୍ଦି ପକେଇବାକୁ ଇଚ୍ଛା ହେଉଥିଲା ତାଙ୍କର ।

— ଇତି —

—ଆପଣ ଭଲ ବେଳରେ ଆସିଛନ୍ତି ଯଦୁବାବୁ ! ମୁଁ ବଡ଼ ଅନ୍ତଳରେ ପଡ଼ି ଯାଇଛି । ମୋତେ ଆପଣ ରକ୍ଷା କରନ୍ତୁ । କୋଇଲେ ଏମାନେ ······ ଯଦୁବାବୁ ହସି ଉଠିଲେ ।

—ଆହୁରି ଅଭିନୟ ? ସରି ନାହିଁ ଏ ପର୍ଯ୍ୟନ୍ତ ?

ସୁନନ୍ଦା ଦେବୀ ଚମକି ପଡ଼ିଲେ ।

—ନା, ନା, ଚମକନ୍ତୁ ନାହିଁ ସନ୍ଧ୍ୟାରାଣୀ ! ଆପଣଙ୍କ ଖର ବୁଦ୍ଧିର ପ୍ରଶଂସା ନକରି ମୁଁ ରହିପାରୁ ନାହିଁ ।

—ସଂଧ୍ୟାରାଣୀ ? କିଏ ସଂଧ୍ୟାରାଣୀ ?

—ଆପଣ ! ଆପଣ ! ! ଆପଣ ! ! ସଂଧ୍ୟାରାଣୀ ଓରଫ ନକଲି ସୁନନ୍ଦା ଦାସ ।

—ଓଃ ! ଆପଣ ତା' ହେଲେ ମୋତେ ଏତେଦିନକରେ ଚିହ୍ନି ପାରିଛନ୍ତି ।

—ଏତେ ଦିନକରେ ନୁହେଁ ସଂଧ୍ୟାରାଣୀ, ବହୁତ ଦିନ ଆଗରୁ ମୁଁ ତୁମକୁ ଚିହ୍ନି ସାରିଲିଣି । ମନେ ଅଛି ତୁମର ? ଯେଉଁଦିନ ସୌରେନ୍ଦ୍ର ବାବୁ ଖୁନ୍ ହୋଇଥିଲେ ମନୁମେଣ୍ଟ ତଳେ ? ତୁମେ ସେଠାରେ ଉପସ୍ଥିତ ଥିଲ, ନୁହେଁ ? ସେ ତୁମର କେଶଗୁଚ୍ଛକୁ ଦୁଇ ହାତମୁଠାରେ ଏତେ ଯୋରରେ ଧରିଥିଲେ ଯେ, ଶେଷ ପର୍ଯ୍ୟନ୍ତ ତୁମେ କେଶଗୁଚ୍ଛ ମୁକୁଳାଇ ପାରିନଥିଲ । ତାଙ୍କ ଦୁଇ ହାତମୁଠାରେ ରହିଯାଇଥିଲା ଦୁଇକେଶ । ସେଇ କେଶଗୁଚ୍ଛରୁ ମୁଁ ପାଇଥିଲି "ଇଭିନିଂଇନ୍ ପ୍ୟାରିସ୍" ଏସେନସର ଗନ୍ଧ, ଯାହା ତୁମର ନିତ୍ୟ ବ୍ୟବହାର୍ଯ୍ୟ । ତୁମେ ଅସଲ ସୁନନ୍ଦା ଦାସଙ୍କ ଜାଗାରେ ଅଭିନୟ କରିଥିଲ, କିନ୍ତୁ ଶ ଭାବରେ ଦାଣକକୁ ତୁମର ରୂକବାଣୀ ହଜାଇ । ତୁମେ ଆଣିଥିଲ କେଦାର ରାୟ ଘରେ ଛୁଞ୍ଚ ଅସିଥିଲ ତୁମର ସୁକୋମଳ ଅଙ୍ଗୁଳି

ଚୁଡ଼ଙ୍ଗର ଛାତ୍ର, ମନେ ପଡ଼େ କି ସାତ ଦିନର କଥା ? ତୁମେ ମୋ ଚିତ୍ର ହାତ ଦେଖେଇଥିଲ, ମୁଁ ଦେଖିଥିଲି ନିପୁଣ ହସ୍ତରେଖା-ବିଶାରଦ ପରି । ତୁମେ ବୁର୍ଖା ପିନ୍ଧି ଆମ ଘରକୁ ଯାଇ ଲୁଚେଇ ଆଣିଥିଲ ସେଦିନ ସୌରେନ୍ଦ୍ର ବାବୁଙ୍କ ଉଇଲ୍ ଖଣ୍ଡିକ, ପୁଣି ଚେଷ୍ଟା କରୁଥିଲ କଳା ବେଗଟିକୁ ଚୋରେଇ ଆଣିବା ପାଇଁ । ପ୍ରିନ୍‌ସେସ୍ ହୋଟେଲର ନିବୁଜ କୋଠରୀ ଭିତରେ ତୁମେ ଅସଲ ସୁନନ୍ଦା ଦେବୀଙ୍କୁ ଉତ୍ପୀଡ଼ନ କରୁଥିଲ, ମୁଁ ପହଞ୍ଚି ଯିବାର ଜାଣିଥାଇ ଖେଳିଲ ଖେଳ ମୋ ସଙ୍ଗରେ । ମିସେସ୍ ଦାସଗୁପ୍ତଙ୍କର ଦେହରୁ ହୀରା ହାର ଚୋରିଗଲା କହି ଆମକୁ ପ୍ରତାରିତ କରି ଖସି ଆସିଲ ।

ସବୁ ଜାଣିଛି ସନ୍ଧ୍ୟାଦେବୀ, ତୁମ ସଂକେତ କ୍ଲବର କାରସାଜି । ବୁଦ୍ଧିଆରେ ମଧ୍ୟ ଶେଷ ନିବୃତ୍ତି ଏଯାଏଁ ତୁମମାନଙ୍କ ହାତରେ କଡ଼ି ପକାଇ ନଥିଲି । କାରଣ କ'ଣ ଜାଣ ? ଖୋଜୁଥିଲି ଏହିପରି ଏକ ସୁଯୋଗ । ସମସ୍ତଙ୍କୁ ଏକା ଜାଗାରେ, ଏକା ସମୟରେ ପାଇବି ବୋଲି । ଆଜି ମୋର ସେ ଆଶା ............

ଯଦୁବାବୁଙ୍କ ପାଟିରୁ କଥା ଛଡ଼ିନି ଗଲା ପାଟିରେ । ହଠାତ୍ ଘରର ବତ୍ତି ଚୁଡ଼ାକ ଲିଭିଗଲା ଦପ୍ କରି । କିଏ ଜଣେ ପଛପଟରୁ କୁଣ୍ଢାଇ ଧରିଲା ଯଦୁବାବୁଙ୍କୁ । ଛଡ଼ାଇ ନେଲା ତାଙ୍କ ହାତର ପିସ୍ତଲ ।

ପୁଣି ଜଳି ଉଠିଲା ବତ୍ତି ଗୁଡ଼ାକ । ସନ୍ଧ୍ୟାଦେବୀ ହସୁଥିଲେ ଚନ୍ଦନଙ୍କ ପରି ।

—ଆଉ ଆଜି କଡ଼ି ବଦଳରେ ନିଜ ହାତରେ ପିନ୍ଧିଛନ୍ତି କଡ଼ି, ନା ?

—ସମାପ୍ତି—

ଯଦୁବାବୁଙ୍କ ଆଖିରୁ ନିଆଁ ଝରୁଥିଲା । ସେତେବେଳେ ସେ ଆଉ ନଥିଲେ ନିଜ ଅକ୍ତିଆରରେ ।

—ଷଇତାନ ! ମୋ ସହିତ କାରସାଦ ?

ଯଦୁବାବୁ ଗର୍ଜି ଉଠିଲେ ।

କିନ୍ତୁ ସେତେବେଳକୁ ସେ ବନ୍ଦୀ ହୋଇ ସାରିଥିଲେ ଦୁଇଜଣ ଭୀଷଣକାୟ ଲୋକଙ୍କ ହାତରେ ।

ସଂଧ୍ୟାରାଣୀ ହସୁଥିଲେ ।

—ଶୀଘ୍ର ବିବାହ କାର୍ଯ୍ୟ ସମାପନ କର ପୁରୋହିତେ । ଶୁଭ ଲଗ୍ନ ଯେ ଗଡ଼ି ଯାଉଛି ।

ମାଣିକା ହସ୍ତପଦ ବନ୍ଧନ ଅବସ୍ଥାରେ ଗୋଟିଏ ଯୁବତୀଙ୍କୁ ଆଣି ବେଦୀ ଉପରେ ବସାଇଲା ।

ସଂଧ୍ୟାଦେବୀ ଯଦୁବାବୁଙ୍କୁ ଲକ୍ଷ୍ୟକରି କହିଲେ ।

—ଦେଖୁଛନ୍ତି ଯଦୁବାବୁ ! ଏଇ ଆପଣଙ୍କର ଅସଲ ସୁନନ୍ଦା ଦେବୀ । ମନେ ଅଛି ଆପଣଙ୍କର ଅମୁଦିନ କଥା, ଯେଉଁଦିନ ସେ ଟେଲିଫୋନ୍ ଯୋଗେ ଲୋଡ଼ିଥିଲେ ଆପଣମାନଙ୍କର ସାହାଯ୍ୟ ? ସଂକେତ କ୍ଲବ ସେକଥା ଜାଣିଥିଲା ଆଗରୁ । ତେଣୁ ସୁପରିକଳ୍ପିତ ଭାବେ କରି ହୋଇଥିଲା ସମସ୍ତ ବନ୍ଦୋବସ୍ତ । ମିଃ ସାହାଣୀଙ୍କ ପାଖକୁ ଅମ ଲୋକ ଜଣେ ପୋଷ୍ଟ ପିଅନ ସାଜି ନେଇ ଯାଇଥିଲା ଗୋଟିଏ ପାର୍ସେଲ । ଆଉ ଜଣେ ମିଃ ସାହାଣୀ ବେଶରେ ଯାଇଥିଲେ ସୁନନ୍ଦା ଦେବୀଙ୍କ ଘରକୁ ।

ତେଣେ ସାହାଣୀ ଅଚେତ ହୋଇ ପଡିଲେ ଦିନ ସାରା, ସେଇ ଅବସରରେ ଅମକୁ ସୁବିଧା ହେଲା ସୁନନ୍ଦାଙ୍କୁ ଭୁଲେଇ ଆଣି ବନ୍ଦୀ କରିବାକୁ । ତାଙ୍କ ପୁତ୍ରବଧୂଙ୍କୁ ମଧ୍ୟ ସେଠାରୁ ଘେନି ଆସିଥିଲୁ ।

—ଶେଷ ଅଂଶ—

ସୁନନ୍ଦା ଜାଗାରେ ମୁଁ ପହଞ୍ଚିଲି ସୁନନ୍ଦା ସାଜି । ତା' ପରେ ସ୍କୁଲ୍ର ମଜାଦାର ପ୍ରହସନ ।

ସଂଧ୍ୟାଦେବୀ ପୁଣି ହସି ଉଠିଲେ ।

ଯଦୁବାବୁ ଗର୍ଜିଉଠି କହିଲେ—

—ନା, ନା, ଏ ବିବାହ ହୋଇ ପାରିବ ନାହିଁ । ଅନ୍ତତଃ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ।

ସଂଧ୍ୟାଦେବୀ ଭ୍ରୂକୁଞ୍ଚନ କରି କହିଲେ —

—ଓଃ, ଏକଥା ! ତେବେ ଆଗ ତୁମକୁ ସେପୁରିକୁ ବିଦା କରିବାର ବ୍ୟବସ୍ଥା ହୋଇ ସାରୁ । ମୋହନ ସିଂହ । ମୋହନ ସିଂହ । ଗୋଟାଏ କଳା ପୋଷାକ ପରିହିତ ଲୋକ ପିସ୍ତଲଟାଏ ବାଗେଇ ଧରି ଆଗକୁ ବଢ଼ି ଆସିଲା ।

ସଂଧ୍ୟାଦେବୀ ଯଦୁବାବୁଙ୍କ ଆଡ଼େ ତେରଛା ଅନାଇ ମୃଦୁକ ହସୁଥିଲେ । ଅଦେଶ ଦେଲେ—

—ଠିକ୍ ତାଙ୍କୁ ଲକ୍ଷ୍ୟ କରି ମୋହନ ସିଂହ । ଲକ୍ଷ୍ୟ ଯେମିତି ଅବ୍ୟର୍ଥ ହୁଏ ।

ମୋହନ ସିଂହ ଚିତ୍କାର କରି ଉଠିଲା ।

—ହ୍ୟାଣ୍ଡସ୍ ଅପ୍ ।

ଯଦୁବାବୁ ଯନ୍ତ୍ର ଚାଳିତ ପରି ଦୁଇଟି ଯାକ ହାତ ଉପରକୁ ଉଠାଇ ନେଲେ । କ'ଣ ଭାବିଲେ କେଜାଣି, ଉନ୍ମାଦଙ୍କ ପରି ହସି ଉଠି ଘର କମ୍ପମାନ କରି ଦେଲେ ।

—ସଇତାନୀ । ମୋତେ ହତ୍ୟା କରିବାର ଶକ୍ତି ତୋର ହୋଇ ନାହିଁ । ଅନ୍ତତଃ ଆହୁରି ପଚିଶ ବର୍ଷ ସାଧନାର ଆବଶ୍ୟକ ।

ସଂଧ୍ୟାଦେବୀଙ୍କ ଆଖିରୁ ନିଆଁ ଝଡ଼ିପଡ଼ିଲା ଯେମିତି ।

—ଚୌରଙ୍ଗୀ—

—ମୋହନ ସିଂହ । ଆଦେଶ ପାଳନ କର । ଜୁଆନ୍, ଟୁଂ...
ମୋହନ ସିଂହର ପିସ୍ତଲ ଗର୍ଜି ଉଠିଲା ତିନିଥର ।

ଗୁଳି ଭେଦକଲା କେଦାର ରାୟଙ୍କ କପାଳରେ, ତପନ ଦାସଗୁପ୍ତଙ୍କ ଛାତିରେ ଏବଂ ସଂଧ୍ୟାରାଣୀଙ୍କ ବାହୁରେ ।

ଯଦୁବାବୁ ହସି ଉଠିଲେ ଜୋରରେ, ଅଧିକ ଜୋରରେ ।

କେଦାର ରାୟ ମୃତ୍ୟୁ ଯନ୍ତ୍ରଣାରେ ଥର କମ୍ପମାନ କରୁଥିଲେ । ତପନ ଦାସଗୁପ୍ତର ଶେଷ ନିଶ୍ୱାସ ଟିକକ ପବନ ସହିତ ମିଶି ଯାଉଥିଲା । ଆଉ ସଂଧ୍ୟାରାଣୀ ? ସେ ବେଦନା ଜଡ଼ିତ ଅବସ୍ଥାର ଗୁଡ଼ିକୁ ସିମେଣ୍ଟ ଚଟାଣ ଉପରେ ଲେଟେଇ ଦେଇ ଜଳନ୍ତା ନୟନରେ ଅନେଇ ଥିଲେ କଳାପୋଷାକ ପରିହିତ ମୋହନ ସିଂହ ଆଡ଼କୁ ।

କଳାପୋଷାକ ଦୂରକୁ ଫିଙ୍ଗି ଦେଇ ମୋହନ ସିଂହ ଜାଗାରେ ଦେଖା ଦେଲେ ମିଃ ସାହାଣୀ ।

ସଂଧ୍ୟାରାଣୀ ଚିତ୍କାର କରି ଉଠିଲେ ।

—ମିଃ ସାହାଣୀ । ତୁମେ ? ମୋହନ ସିଂହ ଜାଗାରେ ତୁମେ ?

ମିଃ ସାହାଣୀ ବିଦ୍ରୂପ ମିଶା ହସ ହସି କହିଲେ—

—ହଁ ସଂଧ୍ୟାରାଣୀ, ମୁଁ । ମୋତେ ଦେଖି ଚମକ ଲାଗୁଛି ବୋଧେ ଆଖିରେ ? ସଙ୍କେତ କ୍ଲବ କଥା ମନେ ପକାନ୍ତୁ ତ । ଏଇ ଘଣ୍ଟାକ ଆଗରୁ ତୁମେ ଯେତେବେଳେ ଏଠାକୁ ଆସିବାର ସମସ୍ତ ଆୟୋଜନ କରୁଥିଲ, ମୁଁ ସେଠାରେ ଉପସ୍ଥିତ ହୋଇଥିଲି ସମସ୍ତଙ୍କ ଅଲକ୍ଷ୍ୟରେ । ସେଠାରେ ଦେଖିଲି ଯେ ମୋହନ ସିଂହ ହାତରେ ତମ ସମସ୍ତଙ୍କର ଆତ୍ମରକ୍ଷାର ଭାର ଅର୍ପଣ କରାହୋଇଛି । ସେ ଗୋଟାଏ କଳା ପୋଷାକରେ ଅଙ୍ଗ ଆବୃତ କରିଥିଲା । ମୋତେ ଭାରି ସୁବିଧା ହେଲା ସେଇ କଳା ପୋଷାକ ପାଇଁ ।

ତମେମାନେ ସମସ୍ତେ ଯେତେବେଳେ ଯାଇ ଗାଡ଼ିରେ ବସିଲ ମୋହନ ସିଂହ ରହିଯାଇଥିଲା ସବା ପଛକୁ । ପିସ୍ତଲରେ ଗୁଳି ଭରିବା ପାଇଁ ଯେଉଁ ଡେ଼ର ଟିକକ ତା'ର ହୋଇଥିଲା, ସେଇ ସେତକ ସମୟ ଥିଲା ମୋ ପକ୍ଷରେ ଅମୂଲ୍ୟ । ମୁଁ ତାକୁ କାବୁ କରି, କ୍ଲୋରୋଫର୍ମ ଦେଇ ଅଚେତା କରେଇ ଦେଲି, ତା' ପରେ……
ତା' ପରେ କଳା ପୋଷାକଟି ତା' ଦେହରୁ କାଢି ଆଣି ନିଜେ ପିନ୍ଧିଲି, ବସିଲି ଆସି ତୁମ ସହିତ ଗାଡିରେ……

ସଂଧ୍ୟାରାଣୀଙ୍କ ଆ  ରୁ ନଅାଁ ପାଖୁଡା ଝରି ପଡୁଥିଲା ।

ଯଦୁବାବୁ ସୁନନ୍ଦା ଦେବୀଙ୍କୁ ବନ୍ଧନ ମୁକ୍ତ କରେଇ ଦେଇଥିଲେ ଗୋଟିଏ ସରଳ ମୃଗ ବେଦନା ଭାରରେ ଝାଉଁଳି ପଡ଼ିଥିଲା ଆଖିରେ ଶିଶିର ବିନ୍ଦୁପରି ଟଳ ଟଳ ହେଉଥିଲା ଦୁଇ ଟୋପ ଲୁହ ।

